# ସୁଧାଝରା ସାନଘାଗରା

ସାଥି ମେଳେ ସଖୀ ଯାଇଥିଲି ଦେଖି

ସାନଘାଗରା ର ଅପରୂପ ରୂପ ହାଟ ।

ରୂପସୀ ଙ୍କ ମେଳେ ଦେଖିଛି ତା ରୂପ

ଲାବଣ୍ୟ ଲାଳିତ୍ୟ ସୁବର୍ଣ୍ଣ ପଣତ ପାଟ ।। ୧

ରଜତ କମଳ ପରି ପାଦ ତାର

ପୀତ ଲୋହିତରେ ଆରକ୍ତ ଅଧର ହାତ ।

ଛପି ଛପି ଧାଏଁ ଚପଳାର ଗୁରୁ

ଚମକିତ ତନୁ ଛୁଇଁବାକୁ ଅବିରତ ।। ୨

ଘନକୃଷ୍ଣ ମେଘେ ମଖା ତୋ କବରୀ

ନୀଳାୟିତ ମୁଖେ କନକ କୁଙ୍କୁମ ବିନ୍ଦୁ ।

ବିନ୍ଦୁ ବିନ୍ଦୁ କରି ସିନ୍ଥିରେ ସିନ୍ଦୂର

ମନ ମୁକୁରରେ ମୋ ପାଇଁ ତୁ ନିତି ପିନ୍ଧୁ ।। ୩

ତୁହି ଅପ୍ସରା ତୁହି ଅପାଶୋରା

ଅପାଶୋରା ତୋର ଅଳପ ଅଳପ ହସ ।

ଅଳସ ଗହାଣି ଉଷ୍ମ ଆକର୍ଷଣ

ଉତପ୍ତ ଉଦ୍ଦୀପ୍ତ ରଙ୍ଗବତୀ ରଙ୍ଗ ରସ ।। ୪

ଅଳକାପୁରୀର ମଧୁ ମନ୍ଦାକିନୀ

ସଲିଳ ସୁଷମା ସୁରା ପିଇ ମନଭରି ।
ଶୈଳଶ୍ରୀ କାନନେ ସତ୍ୟ ଶିବ ଶାନ୍ତି
ସ୍ୱର୍ଗୀୟ ଭୁବନେ ବିମୋହିନୀ ବିଦ୍ୟାଧରୀ ।। ୫
ତୁମେ ପ୍ରିୟତମା ସେ ଯେ ତିଳୋତମା
ଜାଣେ ତୁମେ ଦୁହେଁ ମୋର ପ୍ରେମ ପୂଜାରୁଣୀ ।
ସୁଷମା ସନ୍ଧାନେ ହୃଦୟ ବନ୍ଧନେ
ପ୍ରୀତ କବିପ୍ରାଣ ନୈସର୍ଗିକ ନିର୍ଝରିଣୀ ।। ୬
ତୁମେ ଦୁଇ ଧାର ଦୁଇ ଆଖି ମୋର
ଦୂର ଦିଗାଙ୍ଗନା ପ୍ରାୟ ଦିବ୍ୟ ଦୀପ୍ତିମୟୀ ।
ପ୍ରୀତି ରସାଣିତ ସ୍ପର୍ଶ ପୁଲକରେ
ପ୍ରଭାଯୁକ୍ତ ବ୍ୟୋମ ପ୍ରମୋଦିନୀ ବନଭୂଇଁ ।। ୭
ଶୈଳଶ୍ରେଣୀ ଭେଦି ସୁଷମା ସମ୍ଭୁତ
ଭୀମକାନ୍ତ ରୂପ ଅସପତ୍ନ ଅନୁପମା ।
ମାଦକତା ପୂର୍ଣ୍ଣ ମଧୁର ବେଳାରେ
ବିଶ୍ୱ କଲ୍ୟାଣରେ ମଗ୍ନ ଅମ୍ବରୀଷ ଉମା ।। ୮
ଶିଳାଶେଯେ ସ୍ୱତଃ ଡୋଳିଥିଲା ମଧୁ
ମର୍ମର ଝଙ୍କାର ଖସାଇ ନୂପୁର ପାଦୁ ।
ଲୋଭନୀୟ ଲୁବ୍ଧ ଅଙ୍ଗ ସୌଷ୍ଠବରେ
ବୋଳିଥିଲା ବନ୍ୟ ବିଭବ ବିସ୍ମୟ ଯାଦୁ ।। ୯

ନୃତ୍ୟଶୀଳ ପ୍ରାଣ ନିପୁଣ କଳାରେ

ଲୋଟିଥିଲା ନଗ୍ନ ଶିଳାରୁ ସୁଷମା ଲୁଟି ।

କୁସୁମିତ କାନ୍ତି କେଦାରେ ବିଭୋରେ

ଅଯତ୍ନେ କି ରତ୍ନ ଚରଣ ଚୁମୁଚି ମାଟି ।। ୧୦

ଚୂତ ପଲ୍ଲବର ଚୂର୍ଣ୍ଣ କୁନ୍ତଳରେ

ପ୍ରୀତ ପୟୋଧର ପୂର୍ଣ୍ଣପ୍ରୀତି ପୟୋନିଧି ।

ସ୍ନେହ ସିକ୍ତାରରେ ସ୍ୱତଃ ଅସଞ୍ଜତ

ସ୍ତିମିତ ସୁଷମା ଅସ୍ତ ସୂର୍ଯ୍ୟ ଗତିରୋଧୀ ।। ୧୧

ନିର୍ଲିପ୍ତ ନୀଳିମା ତଳେ ଶୁଭ୍ର ଧାର

ତୋଳିଛି ତ୍ରିବେଣୀ ତରଙ୍ଗେ ରଙ୍ଗ ପଟଳ ।

ସୁଲଳିତ ଶିଳା ସଲିଳ ଚୁମ୍ବନ୍ତେ

ଫେନିଳ ଯୌବନ ଉଚ୍ଛ୍ୱସିତ ଅସମ୍ଭାଳ ।। ୧୨

କ୍ଷଣେ ଉଦ୍ଭାସିତ ଶିଳା ରୁ ସୁଷମ

ପଡୁଥିଲା ଖସି ଶୁଭ୍ର ସ୍ରୋତସ୍ୱିନୀ ଜଳେ ।

ଲୀଳାୟିତ ଛନ୍ଦେ ଲାସ୍ୟମୟ ଗୀତି

ଗାଉଥିଲା ଗିରି କନ୍ଦରେ ସୁନ୍ଦରୀ ମେଳେ ।।୧୩

କନକିତ କାନ୍ତି ଜ୍ୱଳାମୟୀ ଜ୍ୟୋତି

ତପ୍ତ ପ୍ରାଣେ ତୃପ୍ତି ତୋର ସ୍ୱପ୍ନାଚ୍ଛନ୍ନ ତୀର ।

ତନ୍ଦ୍ରାଚ୍ଛନ୍ନ ଓଠୁ ପ୍ରୀତି ସୁଧା ପିଇ

ତୃଷାତୁର ତୃଷ୍ଣା ମେଂଟିବାକୁ ମନ ମୋର ॥ ୧୪

ଚି□ସ୍ପର୍ଶୀ ଗ୍ରରୁ ଲଜ୍ଜାନତ ମୁଖ

ମଣ୍ଡଳ ମୟୂଖ ମନ୍ଦହାସ୍ୟ ରେଖା ମନ୍ଥି ।

ଆସନ୍ତେ ନିବିଡ଼ ସ୍ନେହ ସାନ୍ନିଧରେ

ବିସ୍ମୟ ବିଭୋର ପ୍ରୀତିସିକ୍ତ ନେତ୍ରାତିଥି ॥ ୧୫

ପ୍ରିୟମ୍ବଦା ତୁମ ପ୍ରୀତି ଆତିଥ୍ୟରେ

ଆତ୍ମହରା କବି ଚିର ଅତିଥିଟେ ହୋଇ ।

ସ୍ନେହ ପ୍ରେମ ସୁଧା ସୁଷମା ରାଇଜେ

ଜନ୍ମ ଜନ୍ମାନ୍ତରେ ରହନ୍ତି ତୁମରି ହୋଇ ॥ ୧୬

ଦିଗାଙ୍ଗନା ଯତ୍ନେ ରମଣୀୟ ରତ୍ନେ

ସଜାଇଛି ବସି ବିଭୂଷିତ ରଙ୍ଗ ଭୂଷଣେ ।

ସ୍ୱପ୍ନ କଳ୍ପନାର କାବ୍ୟମୟ ପୁଷ୍ପ

ପାଖୁଡ଼ା ଯତନେ ରଖି ପୀରତି ପଣେ ॥ ୧୭

ପତଳା ମେଘର ପଣତ ଦେଇ ମୁଁ

ଦେଖିଛି ତୁମରି ନବବଧୂ ରୂପ ଛବି ।

ପାରଦ ପରାୟ ପ୍ରଜ୍ୱଳିତ ମୁଖ

ପ୍ରେମରେ ପଖଳା ମୁକୁଳା ତୋ ପ୍ରତିଛବି ॥ ୧୮

ଶିଳା ଶେଯେ ଶୋଇ ସପନରେ ସଖୀ

ସତରେ ମୁଁ ତତେ ଚୁପି ଚୁପି ଚୁମୁଥିଲି ।

ମେଘ ଫାଙ୍କେ ମୁହଁ କାଢ଼ିଲା ବେଳକୁ

ଲଜ୍ଜା ଅବନତ ନୟନ ନିମିଷେ ଠେଲି ।। ୧୯

କୃଷ୍ଣ କମନୀୟ କାନ୍ତିରେ ଉଜ୍ଜ୍ୱଳ

କାଦମ୍ବିନୀ ମେଳେ ନୃତ୍ୟମଗ୍ନା ସାୟାହ୍ନରେ ।

ଘେରା ଘାଗରାର ଚପଳ ଛନ୍ଦରେ

ଛନ୍ଦବନ୍ଧ ହୃଦ ବଲ୍ଲଭୀ ବାସ୍ନା ବିଭୋରେ ।। ୨୦

ଚୁପି ଚୁପି ହସି  ଚମକି ଚାହିଁ

ମତେ ଦେଖି ମୁହଁ ଚଟ୍ କରି ମୋଡ଼ି ଦେଲୁ ।

ହଜିଲା ସୁନା ମୋ ପାଇଛି କହି

ରସପ୍ଲୁତ ପ୍ରୀତି ରୋମାଂଚରେ ହଜିଗଲୁ ।। ୨୧

ଧମନୀରେ ଯେତେ ଜ୍ୱଳାର ଜୁଆର

ପଶିଥିଲା ଧସି ଭାଙ୍ଗି ବନ୍ଧ ବାଡ଼ ବୁକୁ ।

ଚୁମ୍ବନ୍ତେ ଚିବୁକ ଚ୍ୟୁତ ପକ୍ୱଚୁତ

ଆନନ୍ଦେ ଆପ୍ଲୁତ ପ୍ରୀତି ମଧୁ ପିଇବାକୁ ।।୨୨

ନିବିଡ଼ ଆଶ୍ଳେଷେ ସ୍ନେହ ସିକ୍ତାରରେ

ଲଭିବାକୁ ଯତ୍ନେ ସୁବର୍ଣ୍ଣ କିଶୋରୀ କରୀ ।

ଆଦିମ ଉଲ୍ଲାସ ଅନ୍ୱେଷାରେ ଲିପ୍ତ

ଅତନ୍ଦ୍ର ତମିଶ୍ରା ହୋମାନଳେ ହେମନାରୀ ।। ୨୩

ଶିରାରେ ସ୍ନାୟୁରେ ଉଷ୍ଣ ଶିହରଣ

ଗଣ୍ଠିରେ ଗ୍ରନ୍ଥିରେ ଉଚ୍ଛ୍ୱସିତ ଆଲୋଡ଼ନ ।
ସୁକୋମଳ ସ୍ନିଗ୍ଧ ଶାଣିତ ସ୍ପର୍ଶରେ
ଉଦ୍ଭାସିତ ଆଦ୍ୟ ଫାଲ୍‌ଗୁନ ଯବନ ।। ୨୪
ଛାତିତଳେ ନିଆଁ ନୀରବ ଝଡ଼
ଶୀତୁଆ ସଞ୍ଚର ଶିରି ଶିରି ଶିହରଣ ।
ଭିଡ଼ି ଧରିଥିଲି ମାଂସଳ ମଞ୍ଜୁଳ
ସ୍ନିଗ୍ଧ ଢଳଢଳ ଉରଜ ପଙ୍କଜ ଗଣ ।। ୨୫
ସରମରେ ସିନା ମଲି ମଲି କହୁ
ମରମରେ ମୋର ମୃଦୁ ମୃଦୁ ଭୂମିକମ୍ପ ।
ଜାଣି ନ ଥିଲି ଗୋ ତୁହି ଜ୍ୱାଳାମୟୀ
ଜୀଅନ୍ତା ଜୁଇରେ ଜଳୁଛି ଦେଇ ମୁଁ ଲମ୍ପ ।। ୨୬
ଗୋଲାପ ପାଖୁଡ଼ା ପରି ତୋ ଗାଲରେ
ପ୍ରୀତି ଦାଗ ପଡ଼ି ଫିକା ଜହ୍ନ ପରି ମୁହଁ ।
ଦେଖି ମୁଁ ଅଧୀରେ ଚିପି ଦେଲି ବୋଲି
ଚିଡ଼ିଉଠି ତୁମେ ଦୁଷ୍ଟ ଦୁଷ୍ଟ ବୋଲି କୁହ ।। ୨୭
ମୋର ମନୋରମା ରମା ତିଳୋତମା
ତନୁକାନ୍ତି ଦେଖି ତୃଷାରେ ପରାଣ ଜଳେ ।
ସବୁଜ ସ୍ୱର୍ଣ୍ଣିମ କୃଷ୍ଣ ସୁଦାମାର
କୃଷ୍ଣା କାଦମ୍ବିନୀ ରୂପତୃଷ୍ଣା ରୂପ ଜଳେ ।। ୨୮

ମନଛୁଆଁ ତୋର ରୂପ ପ୍ରତିରୂପ

ସୁଧାମୟ ସୃଷ୍ଟି ରସମୟ ରଙ୍ଗ ଛନ୍ଦ ।

ନଦୀ ନାରୀ ନିଆଁ ନକ୍ଷତ୍ର ନିର୍ଝରୁ

ପିଉଛି ମୁଁ ନିତି ମହାନନ୍ଦେ ମକରନ୍ଦ ॥ ୨୯

ତରୁ ଲତା ତୃଣ ପଡ଼ିଆ ପାହାଡ଼

ପୂରି ପଡ଼ିଥିଲା ଫୁଟି ମୋ ପ୍ରେମ କମଳ ।

ଆଶା ଆଶୀର୍ବାଦ ଆଲୋକ ଅବିର

ବିଂଚିବିଂଚି ତୃପ୍ତ ନୀଳକାନ୍ତ କର ତଳ ॥ ୩୦

ପାହାଡ଼ ଫଟାଇ ତୋ ପ୍ରେମ ପ୍ରପାତ

ପଡୁଥିଲା ଝରି ଝରି ମୋ ହୃଦୟ ଝରେ ।

ଅସ୍ମିତା ବିସ୍ମୟେ ଅଦୂରେ ପ୍ରତୀତ

ପ୍ରଶାନ୍ତ ପ୍ରମ□ ତ୍ରିପଥଗା ଦିଗଧାରେ ॥ ୩୧

ହୃଦୟ ଜଡ଼ାଇ ଛୁଉଁଥିଲ ମତେ

ମୁଁ ଛୁଇଁଲେ କାହିଁ କହୁଥିଲ ନାହିଁ ନାହିଁ ।

ମନା କରିବାରୁ ମନ୍ଟୁ ଥିଲି ତୋର

ତନୁ ବଲ୍ଲରୀକୁ ବନଭୂମି ବ୍ୟୋମ ହୋଇ ॥ ୩୨

ବାର ବାର କରି ପିଇଛି ମୁଁ ତୋର

ପ୍ରେମ ସୁଧା ନୀର ଚିନ୍ମୟ ଚକିତ ହୋଇ ।

ପ୍ରାଣତନ୍ତ୍ରୀ ରେ ପ୍ରଣୟ ମଦିରା

ଏବେ ବି ଖେଳୁଛି ନୀଳ ଶତଦଳ ହୋଇ ॥ ୩୩

ତୁହି ମୋ ହୃଦୟ ପ୍ରେମମୟୀ ପ୍ରେମ

ନଶ୍ୱର ନିୟମ ଊର୍ଦ୍ଧ୍ୱେ ରହି ନୈସର୍ଗିକ ।

ବନ୍ଧ ବାଡ଼ ଘେରା ସୀମା ରେଖା ଡେଇଁ

ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱେ ଆମ ପ୍ରେମଲୋକ । ୩୪

ନୀରବରେ ସବୁ ସହୁଥାଅ ସଖୀ

ସତୀ ଧର୍ମ ପାଳି ଜଳୁଥାଅ ମୋ ସାଥିରେ ।

ଜଳଧି ବୁକୁରେ ବଡବାଗ୍ନି ହୋଇ

ଜଳିବାକୁ ଦିଅ ଜ୍ୟୋର୍ତିମୟୀ ତୋ ସାଥିରେ ॥ ୩୫

କାହାର ଅନିଷ୍ଟ କରିବନି ଚିନ୍ତା

ଭଲ ମନେ ଯଦି ମତେ ଭଲ ପାଉଥିବ ।

ମନ୍ଦ ମନ୍ଦ ବୋଲି ଜଗତେ ବୋଲନ୍ତୁ

ଭଲ କି ପରଖ ସେଠି ଭଲ ଲୁଚିଥିବ ॥ ୩୬

ସୃଷ୍ଟି ପାଇଁ ସଖି ସହି ସହି ସବୁ

ତୁମେ ସର୍ବସଂହା ସତୀ ମୁହିଁ ତୁମ ସ୍ୱର୍ଗ ।

ମନ୍ଦ ଜାଣି ନାହିଁ ସେଠି ମୃତ୍ୟୁ ନାହିଁ

ଅଧୀର ହେବନି ଆମ ପ୍ରେମ ମୁକ୍ତି ମାର୍ଗ ॥ ୩୭

ପୂର୍ଣ୍ଣହେବା ଯାଏ ପିଇଦିଅ ସବୁ

ନିନ୍ଦା ଅପମାନ ଅଭିମାନୀ ଆଖି ଲୁହ ।

ପୂରିଗଲେ ତୁମେ ଗଙ୍ଗା ପରି ବହି

ଧୋଇଦିଅ ମତେ ହୋଇ ମୋର ଆଖି ଲୁହ ।। ୩୮

ସ୍ୱପ୍ନ ହେଉ ସତ୍ୟ ଅଖଣ୍ଡ ଭାରତେ

ବହୁ ସିନ୍ଧୁ ନଦୀ ବିଶ୍ୱ ହେଉ ଏକ ବିନ୍ଦୁ ।

ତୋ ପ୍ରେମ ଗଙ୍ଗୋତ୍ରୀ ଗୁପ୍ତ ଗଙ୍ଗା ଭେଦି

ସବୁ ବନ୍ଧ ଭାଙ୍ଗି ବହୁ ହୋଇ ପ୍ରେମ ସିନ୍ଧୁ ।। ୩୯

ପ୍ରେମ ମୋର ନୁହେଁ ଅଙ୍କ କଷା ପାଠ

ହରି ଗୁଣି ଫେଡ଼ି ମିଶାଇ କହିବି ତୁମକୁ ।

ପ୍ରେମ ମୋର ନୁହେଁ  ଅଙ୍କା ବଙ୍କା ବାଟ

ଅନ୍ଧାରୀ ଇଲାକା ଖସି ପଡ଼ିଯିବ ତଳକୁ ।। ୪୦

ପ୍ରେମ ମୋର ତୁମ ଆଖିର ମିଳନେ

ଆଲୁଅର ରେଖା ସବୁବେଳେ ସମାନ୍ତର ।

ପ୍ରେମ ମୋର ତୁମ ହୃଦୟ ମିଳନେ

ଦିବ୍ୟ ଜ୍ୟୋତି ହୋଇ ଜଳୁଥାଉ ନିରନ୍ତର ।। ୪୧

ଭଉଣୀ ହୋଇ ମୁଁ ମାଗୁଛି ତୁମକୁ

ସ୍ନେହ ସରାଗରେ ମନକଥା ବୁଝି ଦିଅ ।

ମାନସରୋବରେ କୈଳାସ ଶିଖରେ

ପୂଜିବାକୁ ନିତି ବାଟ ମତେ କହିଦିଅ ।। ୪୨

ଖୁଲ୍‌ନା ଖେଳନା ସିଲ୍‌ହଟ୍ ସିଲଟ

ଦେଖିବାକୁ ମୁହଁ ସୁକୁର ମୁକୁର ଦିଅ ।

ଚିଟାଗଙ୍ଗ ଖଟା ଆଣିଦେବ ନାହିଁ

ଚିଡ଼ାଇ କହିବି ଭାଇ  ମୋର କିଛି ନୁହଁ ।। ୪୩

ଚେନାବରୁ ଆଣି ଛେନାଗଜା ଦିଅ

ରାବି ରସଗୋଲା ଖାଇବ୍‌ରେ ଖୋଇଦିଅ  ।

ଖୋଇ ନ ପାରିଲେ ମୁହଁକୁ ଶୁଖାଇ

କଥା କହିବିନି ଯେତେ ଇଚ୍ଛା ଗାଳିଦିଅ ।। ୪୪

ରାଉଲ୍‌ପିଣ୍ଡରୁ ରାଖୀ ଆଣିଦିଅ

ରାତି ପାହିଗଲେ ବାନ୍ଧିବି ମୁଁ ତୁମ ହାତେ ।

ଭାଇ ହୋଇ ତୁମ ଭଉଣୀର ମାନ

ରଖିବନି କୁହ ମାଗୁଛି ମୁଁ ଦୁଇ ହାତେ ।। ୪୫

ମାନସୀ ହୋଇ ମୁଁ ମନ କଥା ମୋର

ଶୁଣାଇବି ପ୍ରିୟ ମୋ ପାଖକୁ ଲାଗି ବସ ।

ପଚାରୁଛି କୁହ ତୁମକୁ ଦେଖିଲେ

ମୁଁ ତ ହସେ ନାହିଁ ମତେ  ଦେଖି କାହିଁ ହସ  ? ୪୬

ମୁଁ ତୁମ ରୂପସୀ ମୁଁ ତୁମ ମାନସୀ

ପରାଣ ପ୍ରେୟସୀ ପ୍ରଣୟ ପ୍ରୟାସୀ ପ୍ରିୟା ।

ପଣତରେ ଢ଼ାଙ୍କି ପାରିବନି ମତେ

ମୁଁ ପରା ତୁମରି ପ୍ରାଣାଧିକା ପ୍ରାଣପ୍ରିୟା ।। ୪୭

ମଧୁମତି ପୁରେ ମଧୁରାତି ବିତୁ

ବରିସାଲ୍ ଠାରେ ବିତାଇବା ଆମେ ଦିନ ।

ସିନ୍ଧୁ ସତ୍‌ଲେଜ୍ ଝେଲମ୍‌ର କୂଳେ

ନାଚିବାକୁ ମୋର ମନ ହୁଏ ଛନ ଛନ ।। ୪୮

ପଦ୍ମା କୋଳରୁ ପଦ୍ମ ତୋଳିବା

ରାଗ ମେଂଟାଇବା ରଙ୍ଗପୁର୍ ରଙ୍ଗଖେଳେ ।

ନୀଳ ସାଗରରେ ପହଁରି ପହଁରି

ମୁହଁ ପଖାଳିବା ମେଘ୍‌ନାର ନୀଳ ଜଳେ ।। ୪୯

ଆରବ ସାଗରୁ ବଙ୍ଗୋପସାଗର

ଦେଖିଦେଖି ନାରା ଦେଖି ଯିବି ନୟାଗ୍ରୋର୍ ।

ଦେଖାଇ ଦେବଗୋ କଳା କୃତିଭରା

ଆମ ହାତେ ଗଢ଼ା ହର୍‌ପା ମହେଞ୍ଜୋଦାର ।। ୫୦

ପ୍ରିୟତମ ହୋଇ ପାରିବନି କୁହ

ଅଭିମାନ କରି କହିବିନି କିଛି ଦିଅ ।

କଥା ରଖିବାକୁ ରହିଲା ମୋ ରାଣ

ମାନଭାଙ୍ଗି ମୋର ମନ ତମେ କିଣି ନିଅ ।। ୫୧

ମା ହୋଇ ଆଜି ଡାକୁଛି ତୁମକୁ

ବାପହୋଇ ଶୁଣ ଶୁଣମୋର ବାପଧନ ।

ଦୁଇ ହାତେ ମୋର କୁନା କୁନି ସବୁ

କୋଳକୁ ନେବାକୁ ଉଚ୍ଛନ୍ନ ହୁଏ ମୋ ମନ ।। ୫୨

ହାତ ଗୋଡ଼ ପାଦ ପରାଣ ପୋଡୁଚି

ମଲାବେଳେ ଡାକେ ଦେଖିବାକୁ ତୋର ମୁହଁ ।

ଫିରିଙ୍ଗି ଫାନ୍ଦରେ କାନ୍ଦି କାନ୍ଦି ପ୍ରାଣ

ଗଲାବେଳେ ସୁନା ମୋ ମୁହଁକୁ ଥରେ ଗ୍ୱହଁ ।। ୫୩

ଅଖଣ୍ଡ ଭାରତ ଏକାକାର ହେଉ

ପ୍ରେମ ସିନ୍ଧୁ ବହୁ ସବୁ ସୀମାରେଖା ଡେଇଁ ।

ପ୍ରେମମୟ ବିଶ୍ୱ ଭାରତେ ମରତେ

ତ୍ରିରଙ୍ଗା ପତାକା ଉଡୁ ଫର ଫର ହୋଇ ।। ୫୪

ସୁନା ଝିଅ ହୋଇ ମାଗୁଛି ତୁମକୁ

ମନକଥା ମୋର ଯାହା ତୁମ ମନେ ନାହିଁ ।

ଶାନ୍ତି ମୈତ୍ରୀ ପ୍ରୀତି ପୁଲକ ପୃଥିବୀ

କଳିକୁଳ ଲାଗି କପଟରେ ଲୁଟନାହିଁ ।। ୫୫

ଆଣବିକ ଶୀତ ଆସିବନି କୁହ

ମରିବେନି ଆଉ ମଣିଷ ଧରମ ହାତେ ।

ଆଣବିକ ଯୁଦ୍ଧ ହେବନି ଧରାରେ

ମଉଳି ଯିବେନି ଭାଇ ଭଉଣୀ ମୋ ଯେତେ ।। ୫୬

କଥା ଦିଅ ଆମେ ଏକାଠି ଖାଇବୁ

ଏକାଠି ଶୋଇବୁ ହସିବୁ ଏକାଠି ହୋଇ ।

ଟିକି ଟିକି ତାରା ଘାସଫୁଲ ପରି

ଅନନ୍ତ ନୀଳିମା ତଳେ ଶ୍ୟାମଳିମା ଛୁଇଁ ।। ୫୭

ମୁଁ ତ ମାଗୁ ନାହିଁ ରୂପା ଜହ୍ନ ଦିଅ

ସୁନାର କଣ୍ଢେଇ ଖେଳିବାକୁ ଗଢ଼ିଦିଅ ।

ଖୋଲା ହାତେ ଖୋଲା ହୃଦୟେ ମାଗୁଛି

ଆକାଶ ପୃଥିବୀ ନୀଳିମାରେ ଭରିଦିଅ ।। ୫୮

ଶାନ୍ତି ଶାନ୍ତି ଶାନ୍ତି  ଶାନ୍ତିର ସନ୍ଦେଶ

ଶୁଣିବି ମୁଁ ନିତି ତୁମ ସୁନା ଝିଅ ହୋଇ ।

ଆଜି ଯାଏ କେବେ କିଛି ମୁଁ ମାଗିନି

ଆଜି ମତେ କୁହ କଥା ମୋ ରଖିବ ନାହିଁ ।। ୫୯

ବିଦାୟ ବେଳାରେ ରହୁଛି ଏଇଠି

ରହିଥାଅ ବନ୍ଧୁ ମିଳନର ସାକ୍ଷି ହୋଇ ।

ସରସେ ହରସେ ସବୁ ଦିନେ ହସି

ହସାଇ ହସାଇ ରହିବି ତୁମରି ହୋଇ ।। ୬୦

କ୍ଷୀରୋଦ ପ୍ରମୋଦ ପ୍ରଫୁଲ୍ଲ ଶଚୀ

ରମା ପାଶେ ଥିଲେ ପଡ଼େ ଉଠେ ମୋର ମନ ।

ଶାନ୍ତି ମୈତ୍ରୀ ପ୍ରୀତି ସିନ୍ଧୁ ପାଇଁ ବନ୍ଧୁ

ସଲିଳ ସନ୍ଧାନେ ମଗ୍ନହେଉ ବିଶ୍ୱ ଜନ ।। ୬୧

ବିଜୟ ଅଭୟ ପ୍ରଦୀପ ସନ୍ତୋଷ

ପ୍ରିୟ ବନ୍ଧୁ ମୋର ଦେଶ ଜାତି ହିତ ଲାଗି ।
ଦିବାନିଶି ମିଶି ସେବା କରିବାକୁ
ସଦା ଆଗଭର ଧନ୍ୟ ପ୍ରାଣ ତାଙ୍କ ଲାଗି ॥ ୬୨
ବନ୍ଧୁହୋଇ ବନ୍ଧୁ କଥା ଶୁଣିବନି
ଭାଇହୋଇ ଭାଇ କଥା ରଖିବନି କୁହ ।
ବାନ୍ଧବୀ ତୁମରି ବାନ୍ଧି ଦେଇଛନ୍ତି
ବନ୍ଧା ମୁଁ ପଡ଼ିଛି ମତେ ମୁକୁଳେଇ ନିଅ ॥ ୬୩
ଦେଶବାସୀ ହୋଇ ମନପ୍ରାଣ ଦେଇ
ବିଶ୍ୱ ହିତେ ବନ୍ଧୁ ଏ ଜୀବନ ଯାଉ ବିତି ।
ଘରେ ଘରେ ଜଳୁ ବିଶ୍ୱ ପ୍ରେମ ଜ୍ୟୋତି
ଘୋଟିଅଛି ଦେଖ ଘନ ଘୋର କାଳ ରାତି ॥ ୬୪
ଜଳାଇ ଦୀପାଳି ଜଣାଏ ପ୍ରଣତୀ
ପ୍ରେମପୋତ ମୋର ଭାସୁ କ୍ଷୀର ସିନ୍ଧୁନୀରେ ।
ମୋ କାମ କମଳ ପ୍ରେମ ପାରିଜାତ
ଫୁଟୁ ତୁମପାଇଁ ନିତି ନିତି ନିଶାର୍ଦ୍ଧରେ ॥ ୬୫
କଳ୍ପନାର କୃଷ୍ଣ କଳ୍ପବଟ ହୋଇ
ବଢୁଥାଉ କୂଳେ ଝଡ଼ଝଞ୍ଜା ସହି ସହି ।
ମତେ କୁହ ବୋକୀ ଏବେ ଦିଅ କହି
କିପରି ବଂଚିବି କଳ୍ପନାରେ କୃଷ୍ଣା ହୋଇ ॥ ୬୬

ବିନ୍ଦୁ ବିନ୍ଦୁ ଜଳେ ଯଦି ହୁଏ ସିନ୍ଧୁ

ବିନ୍ଦୁରେଖା ତୁମ ଆଖି ଆଲୁଅର ଇନ୍ଦୁ ।

ମତେ ଠକି ତୁମେ ଯେଉଁଠି କି ଯାଅ

ଜାଣି ରଖ ତୁମେ ବୃତ ମୁହିଁ କେନ୍ଦ୍ରବିନ୍ଦୁ ।। ୬୭

ସ୍ନିଗ୍ଧା ସଂଘମିତ୍ରା ଭାରତୀ ଆରତୀ

ବିଶ୍ୱପ୍ରେମ ବା□ା  ବାଂଟିବାକୁ ପୁରେପୁରେ ।

ପ୍ରେମମୟ ବିଶ୍ୱ ଭାରତ ଭୂଖଣ୍ଡ

ସିନ୍ଧୁ ସାଗରକୁ ଚୁମୁଥାଉ ନିରନ୍ତରେ ।।  ୬୮

ବେତ ବାଡ଼ି ଖଡ଼ି କାନ ମୋଡ଼ି ଧରି

ହରେକୃଷ୍ଣ ସାର୍ ଶୁନ୍ୟ ପାଠ ଦେଲେ କହି ।

ଆର୍ଶୀବାଦ କରେ ତୁମ କର୍ମ ପଥେ

କଂଟା ହେଉ ଫୁଲ ଦେଶ ଜାତି ବିଶ୍ୱ ପାଇଁ ।। ୬୯

ଚି□ଯଦୁଙ୍କର ଚି□ହର ତୁମେ

ଇନ୍ଦ୍ରମଣୀ ସୁର ନୀଳ ଅରଜୁନ ସାର୍ ।

ମିଳି ମିଶି ସର୍ବେ ଆଶିଷ କରୁଛୁ

ଯୁଗ ଯୁଗ ପାଇଁ ଜଗତେ ହୁଅ ତୁ ସାର ।। ୭୦

ଗୋବିନ୍ଦ ବଇଁଶୀ ଶରତ ମଧୁ

ବେନୁ କାଳୁ ମିଛୁ ଦାମୋଦର ଜମ୍ବେଶ୍ୱର ।

ଦ୍ୱାରିକା କୃଷ୍ଣ କରୁଣା କଲ୍ୟାଣେ

ଦେଶ ଜାତି ହିତେ ହୁଅ ଅଜୟ ଅମର ।। ୭୧

ଅଶୋକ ପ୍ରମୋଦ ଭାରତୀ ଭୂୟାଁ

ବିଚି କରେ ବାଜୁ ମୋହନ ମୂରଲୀ ସ୍ୱନ ।

ଦେଶ ଜାତି ଲାଗି ଜଳୁ ପ୍ରେମ ଜ୍ୟୋତି

ମହା ଜ୍ୟୋତି ହୋଇ ହୁଅ ତୁମେ ମହିୟାନ ।। ୭୨

ନଶ୍ୱର ନିୟମ ଲଙ୍ଘନ୍ତେ ନିତେଇ

ନୀରବ ଆଶିଷେ  ଆଶା ଜ୍ୟୋତି ଅଶ୍ରୁଧାର ।

ସତ୍ୟଶଙ୍କର ପୂଣ୍ୟ ପାଦଧୂଳି

ଭଚ୍ଛି ଭାବେ ବୋଲି ଧନ୍ୟ ଏ ଜୀବନ ମୋର ।। ୭୩

ରଶ୍ମି ରେଖା ରଶ୍ମି ଚିନ୍ମୟ ବିଜୟ

ଦେବାଶିଷ ବଳେ ହୁଅ ତୁମେ ମୃତ୍ୟୁଞ୍ଜୟୀ ।

କମରୁଦ୍ଦିନ୍ ସାର୍ ଆଶିଷ ବଳରେ

ଆଲୋକିତ ହୁଅ ତମସା ଜଡ଼ତା ଛୁଇଁ ।। ୭୪

ପାପିଆ କଲ୍ୟାଣୀ ଅଶେଷ କଲ୍ୟାଣେ

କାଳଜୟୀ ହୁଅ ପ୍ରେମମୟ ବିଶ୍ୱ ପାଇଁ ।

ଦେଶ ବିଭାଜନ ମିଳନ କାର୍ଯ୍ୟରେ

ଧନ୍ୟ ହେଉ ପ୍ରାଣ ଧନ୍ୟ ହେଉ ଜନ୍ମଭୂଇଁ ।। ୭୫

ଦୀନେଶର ଦୁଃଖ ହେଉ ଦ୍ରବିଭୂତ

ଦଧିଚୀ ପରାୟ ତ୍ୟାଗପୂତ ବିଶ୍ୱପ୍ରାଣ ।

ଥଣ୍ଡାକାଳ ହେଲା ଥଣ୍ଡା କାଳହେଲା

ଥଣ୍ଡା କି କରିବ ପ୍ରେମ ଉଷ୍ମ ପ୍ରସ୍ରବଣ ।। ୭୬

ଦାନ ଦେଇ ଦୀନ ହୋଇନି ଦୀନେଶ

ତୁମ ପାଇଁ ମୁଛ ମୋର ସ୍ନେହ ପ୍ରେମ ପୁଣ୍ୟ ।

ଦିନପରେ ଦିନ ଦେଇଛି ଯେ ଦାନ

ଦକ୍ଷିଣା କି ହେବ ତୁମ ପାଇଁ ମୁହିଁ ଧନ୍ୟ ।। ୭୭

ପ୍ରକାଶର ପ୍ରାଣ ପୁଲକିତ ଦେଖି

ଆଶାଜ୍ଜ୍ୱଳ ନୀଳ ପ୍ରଭାଯୁକ୍ତ ପ୍ରେମଶିଖା ।

ଆଶୀର୍ବାଦ କରେ ପଲ୍ଲବିତ ହେଉ

ପତ୍ର ପୁଷ୍ପ ଫଳେ ପ୍ରତି ପ୍ରାଣେ ପ୍ରେମ ଶାଖା ।। ୭୮

--------------

## ସୁଧାଝରା ସାନଘାଗରା - ୨

କେତେ ଗିରିନଦୀ କାନନ ଝରଣା

ଅମୃତ ଝରାଇ ଝରୁଛି ବସୁଧା କୋଳେ ।

ତୋ ପ୍ରୀତି ସଲିଳ ସ୍ପର୍ଶ କି ଅମୃତ

ଅପୂର୍ବ ଉଲ୍ଲାସ ଖେଳି ବୁଲେ ଧରା ତଳେ ।। ୧

ଶୁଭ୍ର ସମୁଜ୍ଜ୍ୱଳ ହୀରକ ଚୂର୍ଣ୍ଣକି

ସୂର୍ଯ୍ୟାସ୍ନାତ ଜଳ ଉଚ୍ଛୁଳେ ଆନନ୍ଦ ରୋଳେ ।

ମନ ମୋହୁଥାଏ ମିଠା କଳରବ

କୁଳୁକୁଳୁ ଧ୍ୱନି କଳକଳ କଳେ କଳେ ।। ୨

ସ୍ୱର୍ଗ ଐଶ୍ୱର୍ଯ୍ୟ କି ଝରୁଛି ଲାଗୁଛି

ଦେଖିଲେ ତୋ ରୂପ ବିଭବ ବୈଦୂର୍ଯ୍ୟ ବେଶ ।

ବନଭୂମି ବନ   ବିହଗ ବୀଥିକା

ବିଭୋର ପ୍ରୀତିରେ ଗାଉଛନ୍ତି ତୋର ଯଶ ।। ୩

ନୃତ୍ୟରତ ରଙ୍ଗ ରସ ମହୋତ୍ସବ

ଲାଗିଛି ସର୍ବତ୍ର ଭୂମଣ୍ଡଳ ବ୍ୟୋମ କୋଳେ ।

ସ୍ନିଗ୍ଧ ନୀଳ ଶ୍ୟାମ ଶୋଭା ସୁପ୍ରକାଶ

ସ୍ୱତଃ ଉଦ୍ଭାସିତ ସ୍ୱଚ୍ଛ ଶୁଭ୍ର ଅଭ୍ର ଜଳେ ।। ୪

ସଦା ଢଳଢଳ କାଚକେନ୍ଦୁ ଜଳ

ଆହା କି ସୁନ୍ଦର ଦେଖୁଥିଲି କୌତୁହଳେ ।

ଗ୍ଲରୁ ଚନ୍ଦ୍ରମୁଖୀ ଶୋଭା ଆଭା ପ୍ରଭା

ପୀୟୁଷପ୍ରାଚୁର୍ଯ୍ୟ ମନଲୋଭା କାଳେ କାଳେ ।। ୫

ପ୍ରଣୟ ଉଚ୍ଛଳ ପ୍ରୀତିମୁଗ୍ଧ ଜଳ

ଧାରା କି ଉଜ୍ଜ୍ୱଳ ଉଚ୍ଛ୍ୱସିତ ଆନ୍ଦୋଳିତ ।

ମିଳନ ପ୍ରୟାସୀ ପ୍ରାଣ କି ବ୍ୟାକୁଳ

ଛୁଇଁ  ଚୁମ୍ବିବାକୁ ପ୍ରତିକ୍ଷଣେ ଉତ୍‌ଫୁଲ୍ଲିତ ।। ୬

ସଙ୍ଗୀତ ମୁଖର ମିଠା କୁଳୁଧ୍ୱନି

ପ୍ରତିଧ୍ୱନି ଶୁଣି ପ୍ରୀତ ପୁଲକିତ ଚି□।

ବିଭୋର ପଣରେ ଗାଉଛି ଆନନ୍ଦେ

ପ୍ରୀତି ପ୍ରତ୍ୟାଶାରେ କୁମାରୀ ହୃଦୟ  ଗୀତ ।। ୭

ସବୁଜ ଶ୍ୟାମଳ ନୀଳ ଶୈଳ ଶୋଭା

ହିରଣ୍ମୟ ଉଜ୍ଜ୍ୱଳ ଲାବଣ୍ୟ ବୈଦୁର୍ଯ୍ୟ ପ୍ରଭା ।

ସ୍ନିଗ୍ଧ ଶୋଭାମୟ କାନ୍ତି କମନୀୟ

ନଭ ମଣ୍ଡଳରେ ନୈସର୍ଗିକ ନୀଳ ଆଭା ।। ୮

ନୀଳ ସ୍ୱର୍ଗଶାଳା ଲାବଣ୍ୟ ଐଶ୍ୱର୍ଯ୍ୟ

ପଡ଼ିଚିକି ଢଳି ନୀଳଚନ୍ଦ୍ର ଆଭା ବୋଳି ।

ଝଲସେ ଝଟକେ ମଣିମୟ କାନ୍ତି

ବୈଦୁର୍ଯ୍ୟ ମାଣିକ୍ୟ ନୀଳରତ୍ନ ଭଳି ଭଳି ।। ୯

ଥାକ ଥାକ ତରୁ ଲତା କି ସୁନ୍ଦର

ମୁକୁଟ ମଣ୍ଡିତ ଗିରି ଚୂଡ଼ା ଶୈଳ ଶ୍ରେଣୀ ।

ହେମ ଶ୍ୟାମ ଛବି ସୁନ୍ଦର ଶୈବାଳ

ଶିଳାରେ ଶିଳାରେ ନୃତ୍ୟମଗ୍ନା ନିର୍ଝରିଣୀ ।। ୧୦

ତରୁ ଛାୟା କୋଳେ ବନପକ୍ଷୀ ମେଳେ

କାକଳି କୂଜନ ମୋହୁଥାଏ ମନ ନିତି ।

ମଧୁ ମୂର୍ଚ୍ଛନାରେ ପ୍ରୀତି ଅର୍ଚ୍ଚନାରେ

ମଧୁମୟ ଲାଗେ ରମଣୀୟ ରୂପକାନ୍ତି ।। ୧୧

ଧରିତ୍ରୀ ସୁନ୍ଦରୀ ଲାବଣ୍ୟ ବଦନ

ହିରଣ୍ମୟ ଉଜ୍ଜ୍ୱଳ ଘନଶ୍ୟାମ ହେମପ୍ରଭା ।

ଦିବାକର କରେ ନାନା ବର୍ଣ୍ଣବିଭା

ବୈଦୁର୍ଯ୍ୟ ମଣ୍ଡିତ କୀ□ ବନପୁଷ୍ପ ଶୋଭା।। ୧୨

ଗୀତିମୟ ନୃତ୍ୟ ଛନ୍ଦେ ତରୁଛାୟା

ଛନ୍ଦିଛାନ୍ଦି ତନୁ ବଲ୍ଲରୀ ଆନନ୍ଦ ରସେ ।

ଚୁମ୍ବୁଥାନ୍ତି ପରସ୍ପରେ କି ପ୍ରକାରେ

ଶୈଳଜା କନ୍ଦରେ ଅମିୟ ଅନିଳ ସ୍ପର୍ଶେ ।। ୧୩

ପ୍ରୀତ ପୁଲକିତ ଶୁଦ୍ଧ ନିରାମୟ

ମଳୟ ହିଲ୍ଲୋଳ ମଙ୍ଗଳ ବିଭୂତି ବୋଳେ ।

ନୀଳାମ୍ବର ତଳେ ଚିର ଲାସ୍ୟମୟୀ

ନବଘନ ଶ୍ୟାମ ଛବିଳ ପ୍ରକୃତି କୋଳେ ।। ୧୪

ନାମ ପୁଷ୍ପରେଣୁ ସ୍ପର୍ଶ ସୁବାସରେ

ଦିବ୍ୟ ସୁଗନ୍ଧିରେ ସୁଗନ୍ଧିତ ଗନ୍ଧବହ ।

ରୋମାଂଚିତ ଲାଗେ ସୁବାସ ପରଶ

ସ୍ପର୍ଶ କି ଅମୃତ ଉଲ୍ଲସିତ ମହମହ ।। ୧୫

ଧୀର ସମୀରଣ ଛୁଏଁ ମନପ୍ରାଣ

ଛୁଇଁ ଛୁଇଁ ଯାଏ ବନ ଲତା ବନଭୂଇଁ ।

ନୈସର୍ଗିକ ଶୋଭା ସମୃଦ୍ଧ ସମ୍ପଦ

ଦିଶେ ଦିବ୍ୟ ଭବ୍ୟ ବିଭବ ବୈଦୁର୍ଯ୍ୟମୟୀ ।। ୧୬

ସ୍ନିଗ୍ଧ ସୁଲଳିତ ସ୍ୱର କି ମଧୁର

ମୋହନ ମୂର୍ଚ୍ଛିତ ମାଟିର ମହିମା ଗାଏ ।

ଐଶ୍ୱର୍ଯ୍ୟ ପ୍ରୀତିର ସୁଧା ସମ୍ମୋହନ

ଆନନ୍ଦ ମଗ୍ନ କି ଆନନ୍ଦେ ମହକୁ ଥାଏ ।। ୧୭

ଦୂର ପରବତ ବିଲ ବନ କ୍ଷେତ

କେଦାର ପ୍ରାନ୍ତର ମହକ ଝରାଇ ହସେ ।

ପୁଷ୍ପିତା ପ୍ରକୃତି ସୁନୀଳ ଆକାଶ

ସ୍ୱର୍ଣ୍ଣା କାଦମ୍ବିନୀ ଅମିୟ ପୁଲକ ରସେ ।। ୧୮

ଗୋବରା ପାହାଡ଼ ଜୁଡିଆ ଘାଟିରୁ

ମାଛ କାନ୍ଦଣା ନଦୀରୁ ଝରଣା ଝର ।

ସାନଘାଗରା ର ମହିମା ଉଚ୍ଛୁଳେ

ଜଳ ପ୍ରପାତ ଏ ଆନନ୍ଦ ଉଚ୍ଛଳ ଚିର ।। ୧୯

ସ୍ୱର୍ଗ ମନ୍ଦାକିନୀ ସୁନାଗୋରୀ କନ୍ୟା

ବସୁନ୍ଧରା କୋଳେ ମଦନ ମୋହିନୀ ବେଶେ ।

ଉଦ୍ଭାସିତ ସ୍ନିଗ୍ଧ ସୁଷମା ସମୁଦ୍ର

ମୁଗ୍ଧ ପ୍ରୀତିକର ମଦିର ମଦିରା ରସେ ।। ୨୦

ଶିଳା ଶେଯ ଦିଶେ ସ୍ୱର୍ଗ ମଧୁଶଯ୍ୟା

ଆନନ୍ଦ ମୋହିନୀ ମନୋହର ମନୋହାରୀ ।

ମଧୁର ମୃଦୁଳ ମଧୁବର୍ଷୀ ଜଳ

ସ୍ୱର ମାଧୁରୀମା ମଙ୍ଗଳ ନିନାଦ କରି ।। ୨୧

ନିଖିଳ ପ୍ରାଣରେ ଆନନ୍ଦ ଝରାଏ

ଝରି ଝରି ସ୍ୱତଃ  ନିଝୁମ ପାହାଡ଼ ଧାରେ ।

ଶଶୀ ଗୋରୀ ଶୋଭା ଚନ୍ଦ୍ରମା ମଣ୍ଡଳ

ତନୁଶ୍ରୀ ଭୂଗୋଳ ନିଟୋଳ ଉରଜ ଝରେ ।। ୨୨

ବୀଣା ଜିଣା ଧ୍ୱନି ନୂପୁର ନିକ୍ୱଣ

ନିରବଧି ଶୁଭେ ବନ ଭୂମି ମେଘ ହସେ ।

ତନ୍ମୟ ତଲ୍ଲୀନ ପ୍ରୀତି ଆତିଥ୍ୟରେ

ନିର୍ଝର ନିମଗ୍ନ ନୃତ୍ୟ ଗୀତ ଲାସ୍ୟ ରସେ ।। ୨୩

ନିଘଂଚ କାନନ କୋଳେ କଳକଳ

ଆହ୍ଲାଦ ସଂଗୀତ ମହ୍ଲାର ରାଗିଣୀ ମେଘ ।

ବିସ୍ମୟ ବିଭୋର ସ୍ୱପ୍ନାବିଷ୍ଟ ଅବା

ସ୍ତମ୍ଭୀଭୂତ ହୋଇ ଶୁଣୁଚି ପାହାଡ଼ ବାଘ ।। ୨୪

ମୃଗ ନୟନା ଏ ଅମୃତ ନୟନା

ନର୍ମଳ ନିର୍ଝର ଆଖିରେ ସୁଷମା ସ୍ୱର୍ଗ ।

ଆଶା ପ୍ରୀତି ସୁଖ ସ୍ୱପ୍ନ କଳ୍ପନାର

ସୃଜନ କଳସ ଐଶ୍ୱର୍ଯ୍ୟ କାଂଚନ ଦୁର୍ଗ ।। ୨୫

ସ୍ୱର୍ଗ ଭୁବନରୁ ସ୍ୱର୍ଗ ସୁନ୍ଦରୀ ଏ

ସ୍ନାନ କେଳି ଲାଗି ଆନନ୍ଦ କଲ୍ଲୋଳ ଜଳେ ।

ଲମ୍ଫ ଦେଇ ଧୀରେ ମେଘରୁ ମାଟିକୁ

ନୃତ୍ୟ କରୁଥାନ୍ତି ଗୀତ ଗାଇ କୌତୁହଳେ ।। ୨୬

ବସୁନ୍ଧରା ଦୁଃଖ ସୁଖ ଜାଣି ସର୍ବେ

ବିଶ୍ୱ ପ୍ରାଣୀ ହିତେ ମଙ୍ଗଳ ଯୋଜନା କେତେ ।

ଦେବ ପୂଜାର୍ଚ୍ଚନା ଦୈବୀଶକ୍ତି ବିନା

ମାନବ ଉତ୍‌ଥାନ ଅସମ୍ଭବ ଲାଗେ ସତେ ।। ୨୭

ନୈସର୍ଗିକ ନୀଳ କାନନ କୋଳରେ

କୁଣ୍ଢାଇ ଧରନ୍ତେ ଦୁଗ୍ଧ ଜ୍ୟୋସ୍ନା ଜଳଧାର ।

ଆନନ୍ଦ ରୋମାଂଚ ଖେଳିଯାଏ ପ୍ରାଣେ

ଅଭିଭୂତ ହୋଇ ଚୁମ୍ବୁଥାନ୍ତି ପରସ୍ପର ।। ୨୮

ସରଗ ସମ୍ପଦ ମେଘମାଳା ଶଶୀ

ଭୂଷଣ ପିନ୍ଧାଇ ଦେଖନ୍ତି ସୁନ୍ଦରୀ ଜଣେ ।

ସାନଘାଗରା ର ସ୍ୱର୍ଗ ସୌନ୍ଦର୍ଯ୍ୟ ରେ

ମନ୍ତ୍ରମୁଗ୍ଧ ଧରା ମୋହୁଛି ସୁଷମା ପଣେ ।। ୨୯

ଇନ୍ଦ୍ରସଭା ପରି ଅପାର ଆନନ୍ଦ

ଧରିତ୍ରୀ ବଦନ ବିଳାସ ପୀୟୁଷଝର ।

ଶୋଭା ଗନ୍ତାଘର ସୁଷମା ଐଶ୍ୱର୍ଯ୍ୟ

ଝରି ଝରି ପଡ଼େ ଅଫୁରନ୍ତ ଅଭିସାର ।। ୩୦

ମାନବ ମଙ୍ଗଳ ଲାଗି କେତେ ପ୍ରୀତି

ଯୁଦ୍ଧ ମହାଯୁଦ୍ଧ କୂଟନୀତି ରାଜନୀତି ।

ଦେବ ସଭା ମଧ୍ୟେ ଗୋପନ ମନ୍ତ୍ରଣା

କୂଟ ଭେଦ ଛନ୍ଦ ମଙ୍ଗଳ ବିଧାନେ ମାତି ।। ୩୧

କାହିଁ ରାଜତନ୍ତ୍ର କାହିଁ ଗଣତନ୍ତ୍ର

ଯନ୍ତ୍ର ବିଜ୍ଞାନର ଜୟ ଜୟକାର ଦେଖି ।

ଗାଈ ଦୁହିଁବାକୁ ଟଙ୍କା ଗଣିବାକୁ

ଲୋଡ଼ା ନାହିଁ ହାତ ଧନ୍ୟ କମ୍ପ୍ୟୁଟର ସାକ୍ଷି ।। ୩୨

ଦେବାସୁର ମଧ୍ୟେ ଘୋର ଯୁଦ୍ଧ ଲାଗି

ମିଳିଲା ଅମୃତ ଲକ୍ଷ୍ମୀ ରତ୍ନ ଐରାବତ ।

ନରାସୁର ନାଜି ଶାସନ ବିଲୋପେ

ସୁରକ୍ଷିତ ବିଶ୍ୱ ଦୈବ କୂଟ କୀ□ ସତ ।। ୩୩

ବିଶ୍ୱ ଯୁଦ୍ଧ ଲାଗି ମାନବ ସମାଜ

ସ୍ୱାଧୀନତା କଣ ଜାଣିଲା ଢାଳି ଶୋଣିତ ।

କୋଟୀ କୋଟୀ ଜନ ଜୀବନ ହାରିଲେ

ପରମାଣୁ ଅସ୍ତ୍ର ଧ୍ୱଂସ ଲୀଳା ଭୟଭୀତ ।। ୩୪

କ୍ରୀତଦାସ ପ୍ରଥା ବିଲୋପ ହୋଇଲା

ମତଦାନ ଲାଗି ଅଧିକାର ପାଇ ସର୍ବେ ।

ସତ୍ୟ ନିରପେକ୍ଷ ବିଗ୍ୱର ବ୍ୟବସ୍ଥା

ମାନବ ବିକାଶ ଲାଗି ଚାଲୁଛନ୍ତି ଗର୍ବେ ।। ୩୫

ଅସ୍ତମିତ ହେଲା ନିଷ୍ଠୁର ନିର୍ମମ

ନିର୍ଦ୍ଦୟ କଠୋର ଉପନିବେଶ ଶାସନ ।

ବିଶ୍ୱବାସୀ ଶିକ୍ଷା ଉନ୍ନତ ଚିକିତ୍ସା

ବିଜ୍ଞାନ ବଳରେ ସତ୍ୟସନ୍ଧ ବଳୀୟାନ୍ ।। ୩୬

ଅହିଂସ ଶକତି ଆଗେ ମୂହ୍ୟମାନ୍

ପ୍ରବଳ ପ୍ରତାପୀ ବିଶ୍ୱ ମହାଶକ୍ତି ଗୋରା ।

ମଣିଷ ମହାତ୍ମା ସ୍ୱରରେ କି ଯାଦୁ

ସର୍ବ ବ୍ରହ୍ମ ସ  ପ୍ରୀତି ମହାଶକ୍ତି ଭରା ।। ୩୭

ସୁନାର ଭାରତ ସ୍ୱାଧୀନ ହୋଇଲା

ମୂକତି ସୂରୁଜ ଉଇଁଲା ପ୍ରାଚ୍ୟ ଦେଶେ ।

ଅସମ୍ଭବ ଲାଗେ ଅଦ୍ଭୁତ ଉତ୍‌ଥାନ

ଚାରି ଦଶନ୍ଧି ରେ ବିଶ୍ୱଶକ୍ତି ଅଭିଳାଷେ ।। ୩୮

ଖଣ୍ଡ ଖଣ୍ଡ ଦେଶ କରିବାକୁ କେତେ

ବିଦେଶୀ ଙ୍କ କୂଟ ଶେଷରେ ହେଲା ଦିଖଣ୍ଡ ।

ନିର୍ଦ୍ଦୟ କ୍ଷମତା କନ୍ଦଳ ଲାଗି କି

ଘୋର ଯୁଦ୍ଧ କାଳେ ହୋଇଗଲା ତିନି ଖଣ୍ଡ ।। ୩୯

ବିଧିର ବିଧାନ କେ କରିବ ଆନ

ବିଧି ବିଗ୍ରହରେ ନୋହିଲେ ଆମେ କି ଯୋଗ୍ୟ ?

ଅଖଣ୍ଡ ଭାରତ ସମ୍ଭବ ହୋଇବ

ବିଶ୍ୱ କଲ୍ୟାଣ ରେ ବସୁନ୍ଧରା ମହାଭାଗ୍ୟ ॥ ୪୦

ମାନବ ଜୀବନ ପୁଣ୍ୟ ତପସ୍ୟା ଏ

ପୁଣ୍ୟତୀର୍ଥ ଏଇ ଦେବଭୂମି ଦିବ୍ୟ ଧାମ ।

ସତ୍ୟ ଅହିଂସାରେ ପ୍ରୀତି ଆତିଥ୍ୟରେ

ସିଦ୍ଧି ଲାଗି ସର୍ବେ ଜପ ହରେକୃଷ୍ଣ ରାମ ॥ ୪୧

ବିଧାତା କରୁଣା କୂଟ ବୁଦ୍ଧି ବଳେ

ଭାରତ ଭୂଖଣ୍ଡେ ଅସମ୍ଭବ ନୁହେଁ କିଛି ।

ଅଖଣ୍ଡ ଭାରତ ସ୍ୱପ୍ନ ହେବ ସତ୍ୟ

ମହାଯୋଗୀ ଯଶ ଅରବିନ୍ଦ ଅରଜିଛି ॥ ୪୨

ଲଭି ତାଙ୍କ କୃପା କଲ୍ୟାଣ ଆଶିଷ

ପଲ୍ଲବିତ ହୃଦ ପୁଷ୍ପିତ ଏ ପ୍ରାଣ ବିଥି ।

ପୁଣ୍ୟ ପାଦତଳେ ପୁଷ୍ପାଞ୍ଜଳି ଦେଇ

ପ୍ରଣତି ଜଣାଏ ପ୍ରୀତି ପଦ୍ମହାର ଗୁନ୍ଥି ॥ ୪୩

ଦୟା କ୍ଷମାନିଧି କରୁଣା ବାରିଧି

ମଙ୍ଗଳ ବିଧାନ ନାମ ଚିର ଶୁଭଙ୍କର ।

ଅଖଣ୍ଡ ଭାରତ ସ୍ୱପ୍ନ  ସତ୍ୟ ହେବ

ତୁମରି ଆଶିଷେ ଦୟାକର କ୍ଷମାକର ॥ ୪୪

ଦେଖି ଦେବଭୂମି ଦୁଃଖ କ୍ଲେଶ ପୀଡ଼ା

ଆନ୍ଦୋଳିତ ପ୍ରାଣ ଧର୍ମ ନାମେ ମହାଗ୍ଲାନି ।

ଧରିତ୍ରୀ ସଂସାର ଉଚ୍ଛନ୍ନ  ହେଲାଣି

ଆତଙ୍କବାଦୀ ଙ୍କ ଧର୍ମାନ୍ଧତା ଧର୍ମହାନି ।। ୪୫

କେତେବେଳେ କିଏ ମରିବ କେଉଁଠି

ବୋମାର ଆତଙ୍କ ଗୁଳି ବନ୍ଧୁକ ର ଡର ।

ଧର୍ମଦ୍ରୋହି ଦେଇ  ବ୍ୟଭିଚାର ଲିପ୍ତ

ଆଇଏସ୍ ଆଇଏସ୍ ନୃଶଂସ ନର ସଂହାର ।। ୪୬

ଧର୍ମର ତାଡ଼ନା ଉତ୍ପୀଡ଼ନ କେତେ

ଭାରତ ଭୂଖଣ୍ଡେ ଢାକା ରୁ କରାଚୀ ଦେଖି ।

ନାନା ନିର୍ଯ୍ୟାତନା ସଂଖ୍ୟାଲଘୁ ସହି

ବିକଳେ ମରନ୍ତି ମହାକାଳ ଅଛି ସାକ୍ଷୀ ।। ୪୭

ଦେଶ ବିଭାଜନ ଘୋର ଗଣ୍ଡୋଗଳ

ହଣାକଟା ହିଂସା ରକ୍ତ ନଦୀ ବୋହିଗଲା ।

ମାଳ ମାଳ ମୁଣ୍ଡ ଗଡ଼ିଲା ସୀମା ରେ

ଭିଟାମାଟି ଗ୍ରାମ ଶ୍ମଶାନ ପାଲଟି ଗଲା ।। ୪୮

ଶହ ଶହ ହିନ୍ଦୁ ମନ୍ଦିର ମଠ

ମାଟିରେ ମିଶିଲା ଦେବା ଦେବୀ ମୂ କେତେ ।

ଦେବ ଭୂମି ଦେଖି ପଥର ପାଲଟି

ଧରମ ଯାତନା ଭୋଗୁଥିଲା ଅଛି ଯେତେ ।। ୪୯

କଶ୍ମୀର ଭୂଖଣ୍ଡ ହେଲା ହିନ୍ଦୁ ଶୂନ୍ୟ

ଅସହାୟ ସର୍ବେ ଅସମ୍ଭାଳ ଅଣାୟତ ।

ଅଶୋକ ଆକ୍‌ବର ଧର୍ମ ସୁଶାସନ

ସମ୍ଭବ କି ହେବ ଦେବସ୍ଥାନ ରକ୍ତସ୍ନାତ ?।। ୫୦

ଦୈବ କୂଟ ନିଶ୍ଚେ ସଫଳ ହୋଇବ

ଅଖଣ୍ଡ ଭାରତ ସମ୍ଭବ ହୋଇବ ଦିନେ ।

ବିନା ରକ୍ତପାତ ଅହିଂସ ବଳରେ

ହସିବ ଏ ଧରା ଦୟାକଲେ ଦୀନ ଜନେ ।। ୫୧

ବିଶ୍ୱ ତାପାୟନ ଜଳର ଶଙ୍କଟ

ପ୍ରକୃତି ଆକ୍ରୋଶ ଜିହାଦୀ ଆତଙ୍କ ଡର ।

ନିର୍ଦୟ ନିର୍ମମ ହିଂସା ରକ୍ତପାତ

ହୁରି ପଡ଼ିଲାଣି ବିଶ୍ୱ ଯୁଦ୍ଧ ନୁହେଁ ଦୂର ।। ୫୨

ମିଳିତ ସମର ପ୍ରସ୍ତୁତି ସର୍ବତ୍ର

ସାଗର ଅମ୍ବର ପାଲଟିଛି ରଣକ୍ଷେତ୍ର ।

ମହାକାଳମୁଖୀ ମାନବ ସଭ୍ୟତା

ଜଳଜଳ ଦିଶେ ଧ୍ୱଂସ ବିଧ୍ୱଂସ ର ଚିତ୍ର।। ୫୩

ମହାପ୍ରଭୁ ନିଶ୍ଚେ ଆସିବେ ଧରାକୁ

ଧର୍ମ ନିନ୍ଦାଲାଗି କଲ୍‌କୀ ରୂପେ ଧରାତଳେ ।

ମାନବ ତନୁରେ ମଙ୍ଗଳ ବାରତା

ଶାନ୍ତି ପ୍ରୀତି ଦୟା ଅହିଂସା କରୁଣା ବଳେ ।। ୫୪

କାରୁବାକୀ ପ୍ରୀତି ଅହିଂସ ଶକତି

ବଳେ ଚଣ୍ଡାଶୋକ ଦେବପ୍ରିୟ ଧର୍ମାଶୋକ ।

ଇତିହାସ ସାକ୍ଷୀ ପୁଣ୍ୟାତ୍ମା ମହାତ୍ମା

ମନ୍ତ୍ର ମହାଶକ୍ତି ପୁଣ୍ୟଶକ୍ତି ପୂଣ୍ୟ ଲୋକ ।। ୫୫

କଳା ସାଧନା ଠୁ ସଂସାର ସାଧନା

ସକଳ ସାଧନା ସିଦ୍ଧି ଲାଗି ମହାସ□ ।

ଅହିଂସା ରେ ସିଦ୍ଧି ନ ଲଭି ସଫଳ

ହୋଇ ନାହିଁ କେହି ପିଶାଚ ପାଶାଣ୍ଡ ଧୂ□। ୫୬

ଅସମ୍ଭବ ଲାଗେ ଆଚମ୍ବିତ ଲାଗେ

ଅହିଂସା ଶକତି ଧଉଳି ଆକାଶ ଧରା ।

ଦିବ୍ୟ ଦୟାନଦୀ ପୁଣ୍ୟ ଜଳଧାରା

ନରାସୁର ଗର୍ବ ମାଟିରେ ମିଶିଛି ପରା ।। ୫୭

ଯଶସ୍ୱିନୀ ଦେବୀ ସଂଯୁକ୍ତା ସବିତା

ପଦ୍ମାବତୀ ପ୍ରୀତି ଯଶ ଖ୍ୟାତି ବିଶ୍ୱ ଜାଣେ ।

ଧର୍ମ ହାନୀ ଗ୍ଲାନି ଦୁଃଖ ହରିବାକୁ

ପୁଣ୍ୟ ଦେବଭୂମି ଦୈବୀ କୃପା ପ୍ରୀତି ମଣେ ।। ୫୮

ଅହିଂସ ସାଧନା ଲାଗି ଦେଲେ ମନ

କୋଟି ଭାରତୀୟ ମହାପୁଣ୍ୟ ତପ ବଳେ ।

ସବୁ ଠୁ ସରଳ ଅସାଧ ସାଧନା

ସାଧି ହେଲେ ସିଦ୍ଧ ଅଖଣ୍ଡ ଭାରତ ବଳେ ।। ୫୯

ପୁଣ୍ୟ ସଲିଳ ସାନଘାଗରା ର

ପୁଣ୍ୟ ପ୍ରଭା ପ୍ରୀତି ଅହିଂସା ଉଚ୍ଛଳ ଧାରା ।

କଳକଳ ନାଦେ କହିଯାଏ କାନେ

ଯଶସ୍ୱାନ ହୁଅ ଅହିଂସା ଅମୃତ ଧାରା ।। ୬୦

ମହାପ୍ରଭୁ ଙ୍କର ଅପାର କରୁଣା

ଅମୃତ ଧାରା ଅହିଂସା ର ଅନୁଭବ ।

ସାଧିଲେ ଲଭିବ ସ୍ୱର୍ଗ ସୁଖ ଶାନ୍ତି

ବୈକୁଣ୍ଠ କୈବଲ୍ୟ ପରଂବ୍ରହ୍ମ ପ୍ରାପ୍ତି ହେବ ।। ୬୧

ଘୋର କଳିକାଳ ଧର୍ମାନ୍ଧ ବିଚାର

ଅସହ୍ୟ ହେଲାଣି ମହାକାଳ ରଡ଼ି ଶୁଭେ ।

ମହାଘୋର ରଣ ଦେଖିବ ଅବନୀ

ରକ୍ତ ନଦୀ ହେବ ମହା ଧ୍ୱସଂଲୀଳା ଭବେ ।। ୬୨

ବେଳ ଥାଉ ସର୍ବେ ସହିଷ୍ଣୁ ଉଦାର

କାୟ ମନୋବାକ୍ୟ ଆଚରଣ କଲେ ଭାଇ ।

ଧର୍ମ ଶଙ୍କଟ ରୁ ସଂହାର ଲୀଳା ରୁ

ପୃଥ୍ୱୀ ଉଦ୍ଧରିବ ଅକାଳେ ମରିବା ନାହିଁ ।। ୬୩

ସାନଘାଗରା ର ଲଳିତ ସୁନ୍ଦର

ଜ୍ୟୋତ୍ସ୍ନାସ୍ନାତ ଜଳ ଲାଗେ ସ୍ୱପ୍ନାବତୀ ପୁର ।

ସ୍ୱର୍ଗ ଗଙ୍ଗା କୂଳେ ସ୍ୱପନ ବିଭୋର

ସ୍ୱର୍ଗବାଳା କୋଳେ ନୀଳଚନ୍ଦ୍ର କଳ୍ପନାର ।। ୬୪

ଦାମିନୀ କାମିନୀ ଦିବ୍ୟ ରୂପ ଜ୍ୟୋତ୍ସ୍ନା

ଲହରୀ ତୋଳୁଛି ନିର୍ଝର ନିନାଦ ସ୍ୱନ ।

ଅନିନ୍ଦ୍ୟ ସୁନ୍ଦରୀ ସ୍ୱର୍ଗ ବିଳାସ ରେ

ଅଥଯ୍ ଅନଙ୍ଗ କମ୍ପମାନ ଅପଘନ ।। ୬୫

ଝର ଝର ତାନେ କଥା କହେ କାନେ

ଗୀତିମୟ ହୃଦ ଆନନ୍ଦ ଅଭୀପ୍‌ସା ଗୀତା ।

ଅଖଣ୍ଡ ପ୍ରୟାସ ଅନନ୍ତ ଅନ୍ୱେଷା

ଚିନ୍ମୟ ଚେତନା  ବ୍ରହ୍ମ ନୀଳ ଚିତ୍‌ସ   ।। ୬୬

ଚିରସ୍ରୋତା ପରି ବହୁଛି ଆନନ୍ଦେ

ଯୁଗ ଯୁଗ ଧରି ନବୀନ ପ୍ରେରଣା ଦିଏ ।

ଜଡ଼ତା ଭୀରୁତା ତେଜି ଗ୍ଲିବାକୁ

ଦୂର ଦେଶ ପଥେ ନୀଳ ସିନ୍ଧୁ କୂଳ ଯାଏ  ।। ୬୭

ଦେଶେ ଦେଶେ ଯାଇ ଗଢ଼ କୋଣାରକ

ଉଡ଼ନ୍ତା ସହର ସୃଜନ କଳାରେ ମାତି ।

ମହାକାଶ ସୀମା ଲଙ୍ଘ ହେ ବୀର

ସୁଜ୍ଞାନୀ ତପସ୍ୱୀ ପାହୁ ଅନ୍ଧାର ରାତି ।। ୬୮

ପଦ୍ୟ କୋମଳ ଝର୍ଝର ନିନାଦ

ଋଷି କଣ୍ଠ ଧ୍ୱନି ମହାମନ୍ତ୍ର ବେଦ ପାଠ ।

ଶୁଣି ଶୁଣି ସବୁ ସାଇତି ରଖିଛି

ଜ୍ଞାନ ଗର୍ଭା ଜଳ ପୁଣ୍ୟମୟ ଜ୍ଞାନ ପୀଠ ॥ ୬୯

ଜଳ ସ୍ଥଳ ବନ ଆକାଶ ଭୁବନ

ଶୈଳ ସିନ୍ଧୁ ରବି ତାରା ପଥେ ନୀହାରିକା ।

ସରିତ ସମୀର ଚନ୍ଦ୍ରମା ଅପାର

ଜ୍ଞାନ ଗନ୍ତାଘର ଗୂଢ଼ଜ୍ଞାନ ଆଖ୍ୟାୟିକା ॥ ୭୦

ପ୍ରକୃତି ପୂଜାରେ ପ୍ରାଣ କି ପ୍ରଫୁଲ୍ଲ

ଆନନ୍ଦ ସମୁଦ୍ର ବିଭୁ ଆରାଧନା ଲାଗି ।

ବିଶ୍ୱ ମାନବ ଅଚିରେ ଲଭିବ

ମହାବିଶ୍ୱ ଗତି କୁଣ୍ଡଳିନୀ ଶକ୍ତି ଜାଗି ॥ ୭୧

କେତେ ସ୍ୱପ୍ନ ବୁଣେ ସ୍ୱପ୍ନ ସୁନ୍ଦରୀ

ସାନଘାଗରା ଲାଗେ ସ୍ୱର୍ଗ ସ୍ୱପ୍ନଶାଳା ।

ଜହ୍ନରେ ସହର ମେଘରେ ମନ୍ଦିର

ଗ୍ରହ ଗ୍ରହାନ୍ତରେ ବେଦ ମନ୍ତ୍ର କର୍ମଶାଳା ॥ ୭୨

ମହାଶୂନ୍ୟ ରେ ଭାସି ବୁଲି ଘୂରି

ମାନବ ଜାତିର ଗଉରବ ଗାଥା ଗାଏ ।

ବିଶ୍ୱ ବିଧାତା ସୃଜନ ମହିମା

ମାନବର ଭାଗ୍ୟ କିଛି ଅସମ୍ଭବ ନୁହେଁ ॥ ୭୩

ମାନବ ଉଡୁଛି ବଣ ପରବତ

ପାହାଡ଼ ଉପରେ ନଦୀ ହ୍ରଦ ବାଧା ଡେଇଁ ।

ସାଇକେଲ ଧରି ଆକାଶେ ଉଡ଼ିବ

ଆଚମ୍ବିତ ନୁହେଁ ସାଗର ତରଙ୍ଗେ ଧାଇଁ ।। ୭୪

ଚିର ଯୌବନ ଲଭିବ ମାନବ

ବୃଦ୍ଧ ଶରୀର ଇଚ୍ଛା ମାତ୍ରେ ତ୍ୟାଗ କରି ।

ନିଜ ଚମଡ଼ାରୁ ଜୀବନ୍ତ ଶରୀର

ରଖିବ ଲ୍ୟାବ୍ ରେ ଧନ୍ୟ ବିକଶିତ କରି ।। ୭୫

ଟିଭି ପରଦାରୁ ସୃତିରୁ ବାହାରି

କେତେ ପ୍ରିୟଜନ ସୁନ୍ଦରୀ ପ୍ରେୟସୀ ପ୍ରିୟ ।

ଦଃଖ ଦୁଖି ହୋଇ ସେବା ପ୍ରୀତି ଦେଇ

ଉଭେଇ ଯିବାର ଅନୁଭବ ବନ୍ଦନୀୟ ।। ୭୬

ନାନୋ ବିଦ୍ୟା ବଳେ ଜୀନ୍ ଥେରାପି ରେ

ରୋଗାକ୍ରା ନ୍ତ ଅଙ୍ଗ ବଦଳ ସମ୍ବବ ହେବ ।

ଉନ୍ନତ ମାନବ ସୃଜନ ସମ୍ବବ

ମହାବିଶ୍ୱ କୁ ବୁଲିବାକୁ ଦିନେ ଯିବ ।। ୭୭

ପରମ ଦୟାଳୁ ଇଶ୍ୱର ଙ୍କ ଦୟା

ଯନ୍ତ୍ର ବିଜ୍ଞାନ ଏ ମାନବ ଉତ୍‌ଥାନ ଲାଗି ।

ସୂକ୍ଷ୍ମ ଶକ୍ତି ଜ୍ଞାନ ବିଜ୍ଞାନ ବଳରେ

ଆତ୍ମା ରୂପେ ହରି   ସୃଜି  ରହିଛନ୍ତି ଜଗି ॥ ୭୮

ସୂକ୍ଷ୍ମ ଯନ୍ତ୍ର ବିଦ୍ୟା ସମ୍ଭବ ହୋଇବ

ଋଷି ବେଦ ଧ୍ୱନି ଗ୍ରହ ମଣ୍ଡଳରେ ଶୁଭେ ।

ନବ ସୃଜନରେ ଆଉ ଦୁଇ ହାତ

ଆଖି ସୃଜି ଦିନେ  କାର୍ଯ୍ୟଦକ୍ଷ ହେବ ଭାବେ ॥ ୭୯

ଭୂକମ୍ପ ଦାଉରୁ ସୁରକ୍ଷା ସମ୍ଭବ

ଭାସମାନ ଗୃହ ନିର୍ମାଣ ମାଟିକୁ ଛାଡ଼ି ।

ଶୂନ୍ୟ ଶକ୍ତି କ୍ଷୀଣ କରି ବସବାସ

ସମ୍ଭବ ଶୂନ୍ୟରେ ଘର ଭାସେ ଶୂନ୍ୟେ ଉଡ଼ି ॥ ୮୦

ଶୂନ୍ୟ ବିଦ୍ୟା ପାଠ  ସିଦ୍ଧହସ୍ତ ହେଲେ

ଶୂନ୍ୟକୁ ସାଧିଲେ ଜଗତେ ବ୍ୟାପିବ ଯଶ ।

ଶୂନ୍ୟ ବିଦ୍ୟା ସାର ହୋଇ ଆଗୁସାର

ବ୍ରହ୍ମାଣ୍ଡ ଯାତ୍ରାରେ ବୁଲିଯିବା  ବର୍ଷ ମାସ ॥ ୮୧

ବେଦ ବାକ୍ୟ ପଢ଼ି ଆଶ୍ଚର୍ଯ୍ୟ ଲାଗୁଛି

ଦେବ ବାକ୍ୟ ଇଏ  କାହିଁ କେତେ ଯୁଗ ତଳେ ।

ଦେବତା  ଜ୍ଞାନକୁ ମାନବ କୁ ଦେଇ

ଧନ୍ୟ ଇଶ୍ୱର ଧନ୍ୟ ଆମେ ଧରାତଳେ ॥ ୮୨

ସ୍ୱପ୍ନ ଦେଖିବାକୁ ଗବେଷଣାଗାର

ନିର୍ମାଣ ସମ୍ଭବ ପ୍ଲାନେଟୋରିୟମ୍ ପରି ।

ସ୍ୱପ୍ନ ପ୍ରବଣ  କୁନି  ପିଲାମାନେ

ସ୍ୱପ୍ନ ବଳରେ ସତ୍ୟ ସନ୍ଧାନ କରି ।। ୮୩

ମହା ପ୍ରେରଣା ଏ ମହାଜ୍ଞାନ ସ୍ୱପ୍ନ

ମାନବ ଚେତନା  ଚି□୍ସତ୍ ସ□  ଯେଣୁ ।

ତାରା ମଣ୍ଡଳକୁ ଗ୍ରହ ମଣ୍ଡଳକୁ

ଘୂରି ବୁଲିଯିବା ଅସମ୍ଭବ ନୁହେଁ ତେଣୁ ।।  ୮୪

ମାନବ କଲ୍ୟାଣ ଲାଗି କେତେ କଥା

ଏଇ ଦଶନ୍ଧିରେ ଟାବ୍‌ଲେଟ କମ୍ପ୍ୟୁଟର ।

ମୋବାଇଲ୍ ବଳେ ଜ୍ଞାନର ପ୍ରସାର

ଆଶ୍ଚର୍ଯ୍ୟ ଲାଗୁଛି ଜୟ ଜୟ ବିଜ୍ଞାନର ।। ୮୫

ପୁରୁଷ ଗ୍ରହିଁଲେ ନାରୀ ଅଙ୍ଗଶୋଭା

ଐଶ୍ୱର୍ଯ୍ୟା ବଦନ ଅମୃତ କଳସ ସ୍ତନ ।

ନିଜ ଅଙ୍ଗଲତା ବିକଶିତ କରି

ବୁଲିବା ଆନନ୍ଦେ ଧନ୍ୟ ଚିକିତ୍ସା ବିଜ୍ଞାନ ।। ୮୬

ନାରୀ ପୁରୁଷର ଧରାବତରଣ

ଦୁଇ ଅଙ୍ଗ ଲଭି ମାନବ ଜୀବନ ଭବେ  ।

ଆଶା କାନନ ର ସକଳ ଆଶାକୁ

ଚରିତାର୍ଥ କରି ହରଷ ଲଭିବେ ତେବେ ।। ୮୭

ମୁନି ଋଷି ପରି ପବିତ୍ର ପ୍ରାଣରେ

ଭିକ୍ଷାକର ଗ୍ରାମେ ସଂକ୍ରାନ୍ତି ପୂର୍ଣ୍ଣିମା ଦିନ ।

ଭିକ୍ଷା ବୃ□ ଘୃଣ୍ୟ  ତିରସ୍କାର କରି

ମହାପୁଣ୍ୟ ଲଭ ଭାଙ୍ଗି ଗର୍ବ ଅଭିମାନ ॥ ୮୮

ମାନବ ଜୀବନ ସରସ ସୁନ୍ଦର

ପୁଷ୍ପମୟ ହେବ ଫଳପ୍ରସୂ ପୁଣ୍ୟମୟ ।

ସେବାଦାନ କରି ସୌରଭ ବିତରି

ସାର୍ଥକ କରିବ ଧରାବତରଣ ଲୟ ॥ ୮ ୯

ମଙ୍ଗଳ ଲକ୍ଷିତ ଲକସ୍ତକ(ନମ୍ର) ଭାବ

ସାଧୁର ସ୍ୱଭାବ ସୌଭାଗ୍ୟ ସୁନ୍ଦର ପ୍ରାଣ ।

ଇହଲୋକେ ଐଶୀ ଐଶ୍ୱର୍ଯ୍ୟ ବିଭୁତି

ଜୀବନର ଲକ୍ଷ୍ୟ ନୁହଁ ଲୀଳା ସମ୍ବରଣ ॥  ୯୦

ଆନନ୍ଦ ଲସିତ(ଶୋଭିତ) ଚି□ଉଲ୍ଲସିତ

ଲଳିତ କୋମଳ ଅହିଂସା ଉଜ୍ଜ୍ୱଳ ପ୍ରୀତି ।

ମହାଲଗ୍ନ ଇଏ  ମହାଯୋଗୀ ଲାଗି

ମହାଜ୍ୟୋତି ହୋଇ ଜଳିବାକୁ ଦିନରାତି ॥ ୯ ୧

ଲୋକାତୀତ କୀ□ ଅହିଂସ ସାଧନା

ଅଲୌକିକ ଶକ୍ତି ଶୁଭଫଳ ଚିରକାଳ ।

ଲୋକାନ୍ତର ପରେ ପୁଣ୍ୟ ଯଶ ଗାଥା

ଗାଉଥିବ ଧରା ସୂର୍ଯ୍ୟ ଚନ୍ଦ୍ର ଲୋକପାଳ ॥ ୯ ୨

ଆନନ୍ଦ ଉଚ୍ଛଳ ଜଳଧାରା ଦିବ୍ୟ

ଜୀବନ ଜାହ୍ନବୀ ଆନନ୍ଦ ଝଙ୍କାର ତୋଳି ।

ନାଚି ନାଚି ଧାଏଁ କଠିନ ଶିଳାରେ

ସୁବାସ କୁସୁମ କୋମଳ ପାଖୁଡ଼ା ଭଳି ॥ ୯୩

କେତେ ଆପଣାର ମାଟି ମା କୋଳକୁ

ଲମ୍ଫଦାନ ଦେଇ ପ୍ରୀତିର ମହିମା ଗାଏ ।

ମାଟି ମା ଯତନ ସ୍ୱଚ୍ଛ ପରିବେଶ

ସୁଖ ଶାନ୍ତି ରତ୍ନ କାନେ କାନେ କହି ଯାଏ ॥ ୯୪

ନିରୋଳା ସୁଖର ଅପୂର୍ବ ଶାନ୍ତିର

ଅଖଣ୍ଡ ନିଳୟ ସ୍ୱର୍ଗଶାଳା ଶୋଭାପୁର ।

ସାବଧାନ ହୁଅ ଧରିତ୍ରୀ କରୁଣା

ଯଦି ହେବ ଊଣା ସବୁ ହେବ ଛାରଖାର ॥ ୯୫

ଜୀବନ ସ□ାର ମୂଳମନ୍ତ୍ର ମାଟି

ଅଙ୍କୁରିତ ବୀଜ ପବନ ଆଲୋକ ବଳେ ।

ବୃକ୍ଷଲତା ପ୍ରାଣୀ ପ୍ରାଣରେ ପ୍ରାଚୁର୍ଯ୍ୟ

ରସାନ୍ୱିତ ଫଳ ପତ୍ର ପୁଷ୍ପ ହସି ଖେଳେ ॥ ୯୬

ତରୁଲତା ଡାଳେ କେତେ କଳରବ

ଅମୃତ ନିସ୍ୱନ ଗୀତିମୁଗ୍ଧ ପକ୍ଷ ଗାନ ।

ମଧୁମକ୍ଷୀ ଗାଏ ଗୁଣୁ ଗୁଣୁ ହୋଇ

ଶଣୁ ଶୁଣୁ ସଦା ଆନନ୍ଦ ବିଭୋର ମନ ।। ୯୭

ମଧୁପୁଷ୍ପ ହସ ମଧୁ ସୁଧାରସ

ମଧୁର ମଧୁର ବିଭୋର ବନ ଭୂବନ ।

ମହାନନ୍ଦମୟ ଧରିତ୍ରୀ ଆକାଶ

ଐଶ୍ୱର୍ଯ୍ୟ ପ୍ରକାଶ ମନୋଜ୍ଞ ରସାଳ ମନ ।। ୯୮

ଛଳଛଳ ହୋଇ କଳକଳ ହୋଇ

କଲ୍ୟାଣୀ ଧରିତ୍ରୀ କୋଳେ ବହେ ମହାନନ୍ଦେ ।

ହୃଦୟ ବୀଣାରେ ଝଂକୃତ ପ୍ରୀତି

ପ୍ରାଣଛୁଆଁ ଗୀତି ଅମୃତ କବିତା ଛନ୍ଦେ ।। ୯୯

କବିତା କୋମଳ କିଶଳୟମୟ

ରସାଳ ମନୋଜ୍ଞ ରସପ୍ଲୁତ ପ୍ରାଣମୟ ।

ସାର୍ଥକ ସୁନ୍ଦର ମୂର୍ତ୍ତିମନ୍ତ ରୂପ

ରସ ରଙ୍ଗବିଭା ବିପୁଳ ବିଭବମୟ ।। ୧୦୦

ଶବ୍ଦ ସାଧନାରେ ଆବେଗ ମନ୍ଵିତ

ମନ୍ତ୍ରଧ୍ୱନିମୟ ସୁଲଳିତ କୁଳୁତାନ ।

ପ୍ରକୃତି କନ୍ଦରେ ସ୍ପନ୍ଦିତ ବନ୍ଦିତ

କୁଣ୍ଡଳିନୀ ଶକ୍ତି ଭୁବନ ମୋହିନୀ ବନ ।। ୧୦୧

ମହା ଜୀବନର ମହାର୍ଘ୍ୟ ପୁଲକ

ବିପୁଳ ପ୍ରତୁଳ(ପ୍ରଚୁର) ଅନୁଭବ ଅନୁଭୂତି ।

ସରଳ ପ୍ରାଣର ପ୍ରୀତି ଅଭିବ୍ୟକ୍ତି

ସ୍ନିଗ୍ଧ ପ୍ରକାଶ ଅନୁରକ୍ତି ସ୍ୱୀକୋରକ୍ତି ॥ ୧୦୨

ସରଳ ତରଳ ତୃପ୍ତ ଅନ୍ବ ବାଣୀ

ପ୍ରାଣଧର୍ମୀ ଧାରା ଆନନ୍ଦ ଉଚ୍ଛଳ କ୍ଷଣ ।

ଲହରୀ ମାଳାରେ ଛନ୍ଦମୟ ଧ୍ୱନି

ତରଙ୍ଗ ପ୍ରବାହ ଗୀତିମୟ ଅନ୍ୱେଷଣ ॥ ୧୦୩

ଜାଗ୍ରତ ହୁଅ ହେ ମହାମାନବ

ଭୁଲି କ୍ଷୁଦ୍ର ଚିନ୍ତା ସ୍ୱାର୍ଥନ୍ୱେଷୀ ତିକ୍ତଭାବ ।

ଭୂମି ଭୂମା ଯଶ ଦିବ୍ୟ ଦିଗ୍‌ବଳୟ

ନିଶୀଥ ପ୍ରକାଶ ତାରାଚିଂତ ଅନୁଭବ ॥ ୧୦୪

ମହାବିଶ୍ୱର ବର୍ଣ୍ଣବିଭାରେ

ହୁଅ ବିଭୋରିତ ଭୁଲି ମାୟା ହଳାହଳ ।

ନୀରବ ନିଃସଙ୍ଗ ଭାବ ନାହିଁ କେବେ

ମହାଚେତନାର ଚିନ୍ମୟ କଣିକା ବଳ ॥ ୧୦୫

ସାରା ଜୀବନର ଦୁଃଖ ସୁଖ ଶ୍ରଦ୍ଧା

ସ୍ନେହ ପ୍ରୀତି ଭାବ ବିସ୍ମୟ ବିହ୍ୱଳ ସ୍ମୃତି ।

ଧରାବତରଣ କରିଛ ଧରାରେ

ସାଧନା ସିଦ୍ଧି ଜୀବନ ଅମର କୀର୍ତ୍ତି॥ ୧୦୬

ଛଳନାର ମୁଖା ପରଦା ହଟାଇ

ଖୋଲିଦିଅ ପ୍ରାଣ ଉତାଳ ତରଙ୍ଗ ପରି ।

ଗାଇ ଯାଅ ଯେତେ ପୀଡ଼ା ପ୍ରତାରଣା

କରୁଣ ବେଦନା ଅଶ୍ରୁ ଲାଘବ କରି ।। ୧୦୭

କେହି ନାହିଁ ବୋଲି କହିବନି କେବେ

ଥିବା ଯାଏ ଧରା ମେଘ ସୂର୍ଯ୍ୟ ଜଳଧାରା ।

ସବୁରି ଦୁଃଖକୁ ଭୁଲାଇ ନିମିଷେ

ପ୍ରଫୁଲ୍ଲ ଅନ୍ତର ସୁରସ ସାନଘାଗରା ।। ୧୦୮

## ସୁଧାଝରା ସାନଘାଗରା -୩

ଅମୃତ ବଦନା ଅଧରୁ ଅମୃତ

ତନୁ ଦେଶ ଛୁଇଁ ଦୁଗ୍ଧ ଶୁଭ୍ର ଦୀପ୍ତିମାନ ।

ଦେବରାଜ ମେଘ ମହିମା ପରଶେ

ସ୍ୱର୍ଗ ବାଳା ପରି ଦିଶୁଛି ଦେଦୀପ୍ୟମାନ ।। ୧

ଭୂଲୋକ ଦ୍ୟୁଲୋକ(ସ୍ୱର୍ଗଲୋକ) ରାଶି ରାଶି ଶୋଭା

ପଡୁଛି ଉଛୁଳି ଲାବଣ୍ୟବତୀ କୁ ଦେଖି ।

ଦୋଳାୟିତ ଛନ୍ଦେ ଦୁକୂଳ ମୁକୁଳ

ମେଘ ପୁଷ୍ପମୟ ରଙ୍ଗ ରସ  ରତି ଲାଖି ।। ୨

ଦିବସ ରଜନୀ ଦିଶେ ରମଣୀୟ

ପ୍ରାଚୀ ଆକାଶ ରେ ଅପୂର୍ବ ଲାଳିମା ବୋଳେ ।

କନକ ଭାସ୍କର ସ୍ୱର୍ଣ୍ଣ ଅଭିଷେକ

ସୁବର୍ଣ୍ଣ ଦୋଳିରେ ଅସ୍ତରାଗ ଅସ୍ତାଚଳେ ।। ୩

ଦିବା ଅବସାନେ ରୂପସୀ ତିମିର

ସୁଷମା ସମ୍ପଦ ତିରୋହିତ ଦେଖି ଲାଜେ ।

ଲାବଣ୍ୟ ବସନ ଲାବଣ୍ୟ ଭୂଷଣ

ପିନ୍ଧି ଅଭିସାରେ ମେଘ ମଲ୍ଲୀ ଜହ୍ନ ସାଜେ ।। ୪

ତାରକସୀ ରୂପା ସୂକ୍ଷ୍ମ କାରୁକାର୍ଯ୍ୟ

ହୀରକ ଉଜ୍ଜ୍ୱଳ ତାରାପୁଞ୍ଜ କାନ୍ତି ଝରେ ।

ନୀଳତନ୍ଦ୍ରା ବୋଳି ଢଳ ଢଳ ବ୍ୟୋମ

ମୁଗ୍ଧ ଲୋଭନୀୟ ରୋମାଂଚ ପୁଲକ ଭରେ ।।  ୫

ଅତୁଳ ଐଶ୍ୱର୍ଯ୍ୟ ହୋଇଛି କି ଠୁଳ

ଆକାଶ ଗଙ୍ଗାରେ ଆଲୋକ ଉତ୍ସବମୟ ।

ସାନଘାଗରା ର ରୂପବିଭା ସ୍ୱପ୍ନ

କଳ୍ପନା ନୟନ ଦେଖନ୍ତେ ଆନନ୍ଦମୟ ।। ୬

ମାଳ ମାଳ ଦିବ୍ୟ ସୁନ୍ଦରୀ ଐଶ୍ୱର୍ଯ୍ୟା

ରଙ୍ଗୀନ୍ ଟିଭି ରେ ଇନ୍ଦ୍ରସଭା ପରି ଦିଶେ ।

ରମ୍ଭା କି ମେନକା ଉର୍ବଶୀ ଅପ୍ସରା

ରୂପ ଶୋଭା ସ୍ୱର୍ଗ ପ୍ରକାଶେ ଧରଣୀ ହସେ  ।। ୭

ସାନଘାଗରା ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ

ନୈସର୍ଗିକ ରୂପ ଲାବଣ୍ୟ ମହିମା କାବ୍ୟ ।

କବି ରୂପ ତୃଷ୍ଣା ନୟନ କଳ୍ପନା

ଆନନ୍ଦ ପ୍ଲାବନ ମହାପୁର୍ଣ୍ୟ ଦିବ୍ୟ ଭବ୍ୟ ॥ ୮

ଦେଖୁଛି ଯେ ଥରେ ପ୍ରୀତି ଆତିଥ୍ୟ ରେ

ହୃଦୟ ଚୋରାଇ ନଚାଇ ନୟନ ତାରା ।

ଅନୁପମ ତାର ଐଶ୍ୱର୍ଯ୍ୟ ଆହ୍ଲାଦ

ମୁଗ୍ଧ ଅନୁଭବ ସୁଷମା ଅମୃତ ଝରା ॥ ୯

ଲକ୍ଷ ଦାନ ଦୃଶ୍ୟ ପ୍ରଶନ୍ନ ଉଜ୍ଜ୍ୱଳ

ଉର୍ମିଳ ଉତାଳ ମନୋହର ସୁମଧୁର ।

ଭୀତି ଶୂନ୍ୟ ଗତି ଲଳିତ ମୂର୍ଚ୍ଛନା

ବିରବାଳା ଦର୍ପ ଥରଥର ଝରଝର ॥ ୧୦

ସତ୍ୟ ଆରାଧନା ମଙ୍ଗଳ ବିଧାନ

କରୁଣା କଲ୍ଲୋଳ ଧାରା ବହେ ଅବିରତ ।

ସୂକ୍ଷ୍ମ ସୌକୁମାର୍ଯ୍ୟ ସୌମ୍ୟ ଶାନ୍ତ ମୂ

ସମୁଜ୍ଜ୍ୱଳ ଜ୍ୟୋତି ସମ୍ବର୍ଦ୍ଧନା ଅଭିପ୍ରେତ ॥ ୧୧

ନିର୍ମଳ ନିଷ୍ପାପ ସୁଷମା ପ୍ରତିମା

ସର୍ଜନ ବିଳାସୀ ବିଧି ରତ୍ନମଣି ଜାଣି ।

ମହା ସୁଖ ପ୍ରୀତି ବାଂଟୁଛି ବିଭୋରେ

ରୂପ ତୃଷ୍ଣା ତୃପ୍ତ ଲଭି ଜଳଜ୍ୟୋତ୍ସ୍ନା ରାଣୀ ॥ ୧୨

ସତ୍ୟ ଶିବ ଶାନ୍ତି ମଙ୍ଗଳ ସଙ୍ଗୀତ

ଗାଉଛି ବିହ୍ୱଳେ ହୃଦୟ ରହସ୍ୟ ଗୀତି ।

ବସୁମତୀ କୀ□ ପଦ୍ମ ପ୍ରଭା ଦୀପ୍ତି

ପୀୟୁଷପ୍ରବାହ ଝରୁଛି ଦିବସ ରାତି ।। ୧୩

ହୃଦୟ ସୁନ୍ଦର ଅମ୍ଳାନ ବଦନ

ଅଲୌକିକ ଆଭା ଗୋପନ ରହସ୍ୟମୟ ।

ମଧୁବର୍ଷୀ ତାର ମଧୁସ୍ପର୍ଶୀ ଜଳ

ମଧୁର ମଦିର ମଧୁମୟ ରସମୟ ।। ୧୪

ପରଶମଣି ଏ ତୋଳେ ଶିହରଣ

ପଥର ପ୍ରାଣରେ ଲିଭାଇ କଳୁଷ କ୍ଲେଶ ।

ପ୍ରୀତି ମର୍ମରିତ ଚିର ଗୁଞ୍ଜରିତ

ନବ ଚେତନା ର ଚିନ୍ମୟ ଚନ୍ଦନ ସ୍ପର୍ଶ ।। ୧୫

କୁହୁକ ପରଷେ ଅମୃତ ବରଷେ

ମାନବ ଦେବତା ଭୁଲି ରାଗ ରୋଷ ଦ୍ୱେଷ ।

ଅହିଂସା ପୂଜାରୀ ପାଲଟି ନିମିଷେ

ବିଶ୍ୱ ହିତେ ହୃଦ ପୁଷ୍ପାଞ୍ଜଳି ପୁଷ୍ପରସ ।। ୧୬

ଚନ୍ଦ୍ରମା ସୁନ୍ଦର ପ୍ରାଣ ପୁଷ୍ପକାଳ

ପୂର୍ଣ୍ଣଗର୍ଭା ମେଘ ପୂର୍ଣ୍ଣମୟ ଅନୁଭବ ।

ପୁଷ୍ପିତ ପ୍ଲାବିତ ପ୍ରୀତି ଆହ୍ଲାଦିତ

ଐଶୀ ଉଚ୍ଛ୍ୱସିତ ସୁନ୍ଦର ମଙ୍ଗଳ ଶିବ ॥ ୧୭

ପାର୍ଥିବ ପ୍ରାଣରେ ଅପାର୍ଥିବ ପ୍ରୀତି

ପୁଲକ ସ୍ପନ୍ଦନ ପୁଣ୍ୟ ତୀର୍ଥ ପୁଣ୍ୟ ସ୍ପର୍ଶ ।

ଆନନ୍ଦ ପର୍ବ କି ପାଳୁଛି ଜୀବାତ୍ମା

ପୀୟୁଷ ପ୍ଲାବିତ ପାବନୀ ପରଶ ହର୍ଷ ॥ ୧୮

ଅର୍ଥ ପରମାର୍ଥ ପାର୍ଥକ୍ୟ ବୁଝିକି

ନିଖିଳ ପ୍ରାଣରେ ମଙ୍ଗଳ ଯଶ ଗାନ ।

ଗଗନ ପବନ ମଧୁ ମୁଖରିତ

ସୁଷମା ପୂଜିତ ପ୍ରକୃତି ପ୍ରୀତି ଦାନେ ॥ ୧୯

ପ୍ରକୃତି ତନୟା ସାନଘାଗରା ର

ପୁଣ୍ୟ ଜଳଧାରା ଧନ୍ୟ ଧରା ପୁଣ୍ୟ ସ୍ନାନ ।

ନକ୍ଷତ୍ର ଉଜ୍ଜ୍ୱଳ ନନ୍ଦିତ ନନ୍ଦିନୀ

ନବ ରଙ୍ଗ ରୂପ ମୋହୁଛି ବିଶ୍ୱ ଭୁବନ ॥ ୨୦

ଦିବ୍ୟ ଧାମ ପରି ଦିଶେ ଦିଗ ଦିବି (ଆକାଶ)

ଦିଗନ୍ତ ଅନନ୍ତ ଶୋଭା ରବି ଛବି ଫୁଟି ।

ଦିବସ ଦିନାନ୍ତ ପୂର୍ବାଶା ପ୍ରତୀଚୀ

ଦିନମଣି ସ୍ୱର୍ଣେ ଦିଗମ୍ବର ଦୃଶ୍ୟ ଝୋଟି ॥ ୨୧

ଅଭ୍ରଭେଦୀ ଆଶା ଅଭୀପ୍ସାଅନ୍ୱେଷା

ଦେବାଙ୍ଗନା ଦିଣ୍ଡା(ଯୁବତୀ)ଦିବ୍ୟଅଙ୍ଗ ଶୋଭା କାନ୍ତି ।

ମେଘ ମଣ୍ଡଳରେ ଲୁଚିରହି କ୍ଷଣେ

ଦର୍ଶନ ଦିଅନ୍ତେ ଅସୀମ ଦିଦୃକ୍ଷା (ଇଛା)ଶାନ୍ତି ॥ ୨୨

ପ୍ରଣବ ଓଁଙ୍କାର ଧ୍ୱନି କି ଦୁନ୍ଦୁଭି

ମହାକାଶ ବ୍ୟାପି ମହେଶ ମହିମା ଲୀଳା ।

ତ୍ରିଲୋକେ ତ୍ର୍ୟମ୍ବକ(ଶିବ) ତ୍ରିଗୁଣ ବ୍ରହ୍ମରେ

ତ୍ରିଦେବ ରୂପରେ କରୁଛନ୍ତି କେତେ ଖେଳା ॥ ୨୩

ପୁଣ୍ୟ ଜଳଧାରା ବିଶ୍ୱ ପ୍ରାଣଧାରା

ବିଶ୍ୱର ମଙ୍ଗଳ ବିଶ୍ୱ ଶାନ୍ତି ଲାଗି ବହେ ।

ବାରିଦ ବାରିଧି ରସ ବିନ୍ଦୁ ବାଷ୍ପ

ସୃଜନ କୁସୁମ କଳାକୀ□ ମନମୋହେ ॥ ୨୪

ଅମୃତ ବରଣା ଅମୃତ ଝରଣା

ଅମୃତମୟୀ ସାନଘାଗରା  ସୁରସ ।

ପ୍ରତି ପ୍ରାଣେ ପ୍ରୀତି ପୁଲକ ପରଶ

ନିର୍ମଳ ଶାନ୍ତିର ଆନନ୍ଦ ଚନ୍ଦ୍ର ନିବାସ ॥ ୨୫

ଦିବ୍ୟ ଆଲୋକରେ ଅଭିଷିକ୍ତ ଦୂରେ

ଆକାଶଗଙ୍ଗା କି ତାରାପଥେ ତାରାପୁଞ୍ଜ ।

ଛାୟାଘନ ନିଶୀ ମଙ୍ଗଳ ପ୍ରଭାତ

ମନୋହର ଧରା ସୁବର୍ଣ୍ଣ ଉଆସ କୁଞ୍ଜ ॥ ୨୬

ଭୁବନ ମୋହିନୀ କାନନ ଭୁବନ

ଭୀମକାନ୍ତ ରୂପ ରସମୟ ରୂପରାଜି ।
ଦିଶେ ତାରକିତ ତରଙ୍ଗିତ ଦୂରେ
ଲାବଣ୍ୟ ତରଙ୍ଗ ମନ ହୃଦ ଯାଏ ହଜି ।। ୨୭
ସ୍ନିଗ୍ଧ ଜଳଧାରା ଦିଶେ କେତେ ତୋରା
ଫୁଲ ପରି ଫୁଟି ପ୍ରଫୁଲ୍ଲ ଉତ୍ଫୁଲ୍ଲ ଚି□ ।
ତରଙ୍ଗ ପାଖୁଡ଼ା ଶୁଭ୍ର ଅଭ୍ର କାନ୍ତି
କୋଟି କମନୀୟ ହୃଦୟ ବିଭବ ବି□ ।। ୨୮
ପୁଣ୍ୟମୟ ଧାରା ଐଶ୍ୱର୍ଯ୍ୟ ଉତ୍ସ ଏ
ଧରା ଉତ୍ସର୍ଗୀତ କଲ୍ୟାଣ କାମନା କରି ।
ଆନନ୍ଦ ଉତାଳ ଲହରୀ ତୋଳି କି
ତତ୍ପର ତଡିତ୍ ତତ୍କ୍ଷଣେ ପଡେ ଉତୁରି ।। ୨୯
ତରଙ୍ଗିଣୀ ତନ୍ୱୀ ତନ୍ମୟ ତନିମା (କ୍ଷୀଣ)
ତନ୍ଦ୍ରାଭୂତ ତୃପ୍ତ ତୃଷା□ପ୍ରାଣର ତେଜ ।
ତେଜସ୍ୱିନୀ ରୂପ ଦୀପ୍ତ ତେଜୋମୟ
ଝର୍ଝର ନିର୍ଝର ଚନ୍ଦ୍ରମା ମୁକୁର ଶେଜ ।। ୩୦
ପ୍ରକୃତି ରାଣୀର ରୂପସୀ ନ□କୀ
ନାଚେ ନିରବଧି ଏକାନ୍ତେ ବନ ଭୁବନେ ।
ଚିରସ୍ରୋତା ହସ ସୁରଙ୍ଗ ସୁରସ
ନିର୍ମଳ ହୃଦୟ ସୁଧା ସ୍ୱର୍ଗ ପ୍ରୀତି ଦାନେ ।। ୩୧

ଅରଣ୍ୟବାସିନୀ ଶୋଭା ବିଳାସିନୀ

ସୁଷମା ବିଳାସୀ ଅମୃତ କଳସ ଶୋଭା ।

ସ୍ପନ୍ଦିତ ବିମ୍ବିତ ବିମୋହନ ରୂପ

ଦେଖି ବିମୋହିତ ଚାରୁ ଚିତ୍ରପଟ ବିଭା ।। ୩୨

ସ୍ନିଗ୍ଧ ଜଳଧାରା ଜୀବନ୍ତ ଭାସ୍ୱର

ନବଘନ କାନେ କହିଯାଏ ହୃଦ ଗାଥା ।

ମାନବ ରଚନା ମାନବ ବେଦନା

ମାନବ ପ୍ରାଣର ହସ କାନ୍ଦ ଲୁହ ବ୍ୟାଥା ।। ୩୩

## ଜ୍ୟୋସ୍ନା ଝରା

ଆକାଶ ପ୍ରକାଶ ନୀଳ ନୀଳ ଜ୍ୟୋତି

ମଣ୍ଡଳ ମୟୁଖ ନୀଳ ଚନ୍ଦ୍ରାତପ ତଳେ ।

ସାନଘାଗରାର ମନୋରମ ରୂପ

ରମଣୀୟ ଛବି ଉଦ୍ଭାସିତ ବଳେ ବଳେ ।। ୩୪

ସ୍ୱର୍ଗୀୟ ସୁନ୍ଦର ସୁରମ୍ୟ ସୁବେଶ

ସରସ ହରଷ ଜ୍ୟୋସ୍ନା ଶୁଭ୍ର ଜଳଧାରା।

କଳକଳ ନାଦେ ପଡୁଛି ଉଛୁଳି

ଆକାଶ ଗଙ୍ଗା କି ଦେଇଛି ତା କୋଳେ ଧରା ।।୩୫

ସ୍ଫଟିକ ହୀରକ ପ୍ରାୟ ଜଳକଣା

ଖସେ କି ବେଗରେ  ଆଷାଢ଼େ ବିଜୁଳି ପରି ।

କୋଟି କୋଟି ଶୁଭ୍ର ତାରାପୁଞ୍ଜ ଦିଶେ

ଦେବ ଦୀପାବଳି କାଉଁରିଆ ଫୁଲଝରି ।। ୩୬

ଆନନ୍ଦ ବର୍ଷାରେ ଉତ୍‌ଫୁଲ୍ଲିତ ହୋଇ

ଭିଜୁଥିଲୁ ଆମେ ହାତଧରି ସାଙ୍ଗହୋଇ ।

ଆଦ୍ୟ ଯୌବନରେ ପ୍ରିୟତମା ପ୍ରୀତି

ଐଶ୍ୱର୍ଯ୍ୟ ପୁଲକ ମିଳନ ସଙ୍ଗୀତ ଗାଇ ।। ୩୭

ପାହାଡ଼ ପଥର ମଥାନ ଉପରୁ

ପ୍ରୀତିମୁଗ୍ଧ ଗୀତ ସ୍ରୋତହୋଇ ଆସେ ଝରି ।

ସୂର୍ଯ୍ୟସ୍ନାତ ଶୁଭ୍ର ଜ୍ୟୋତିପୁଞ୍ଜ ପ୍ରଭା

ଝଲସେ ଜଳରେ  ଇନ୍ଦ୍ରଧନୁ ଝୋଟି ପରି ।। ୩୮

ଲାଗୁଛି ସୁନ୍ଦରୀ  ଦିବ୍ୟ ଦେବକନ୍ୟା

ଆସିଛି ଧରାକୁ ଛାଡ଼ି ସ୍ୱର୍ଗ ସୁଖ ଶିରୀ ।

ବହୁଛି ଆନନ୍ଦେ ଜଳ ଜ୍ୟୋସ୍ନା ହୋଇ

ଜଳପରି ପରି ପ୍ରୀତି ରୂପ ରଙ୍ଗ ଧରି ।।୩୯

କ୍ଷୀର ସମୁଦ୍ରର କ୍ଷୀଣ ଧାରା ପରି

ଦେହର ଭୂଗୋଳ ଦିବ୍ୟ ଦୀପ୍ତ ଶୋଭା ସିନ୍ଧୁ ।

ସ୍ୱର୍ଗ ଅନୁପମା ତନୁଶ୍ରୀ ସୁଷମା

ସ୍ଥଳପଦ୍ମ ଶୋଭା ସ୍ତନ ପଦ୍ମ ମୁଖ ଇନ୍ଦୁ ।। ୪୦

ପଲକେ ପଲକେ ଝଲସେ ଝଟକେ

ବଦନ କମଳା ମଧୁବର୍ଷୀ ଇନ୍ଦ୍ରଧନୁ ।

କୋମଳ ଶୀତଳ ପ୍ରୀତିସ୍ନିଗ୍ଧ ସ୍ପର୍ଶ

ଆନନ୍ଦ ଅମୃତ ଉଦୟ ଉତ୍ସବ ଭାନୁ ।। ୪୧

ଶୁଭ୍ର ଢଳଢଳ ସଦା କଳକଳ

ଉତ୍ସବ ମୁଖର ପ୍ରିୟମ୍ବଦା ଜଳଧାର।।

ଆନନ୍ଦ ଆନନ୍ଦ ହୋଇକି ଦେଖନ୍ତି

ସ୍ୱର୍ଗ ସୁଷମାକୁ ଧନ୍ୟ ରବି ଶଶୀ ତାରା ।। ୪୨

ଶ୍ୱେତ ମର୍ମରର ମର୍ମରିତ ରୂପ

କାନ୍ତି କି ଉଜ୍ଜ୍ୱଳ ଲାବଣ୍ୟ ବିଭବ ଲାଗି ।

ସୁଷମା ସନ୍ଧାନୀ ଆଖିରେ ସୁଷମା

ଶୋଭା ଗନ୍ତାଘର ସଜାଇଛି ଭାବି ଭାବି ।। ୪୩

ଅପଲକ ନେତ୍ରେ ଦେଖୁଥିଲୁ ଆମେ

କ୍ଷୀର ସମୁଦ୍ରର ଲହରୀ ଆସୁଛି ମାଡ଼ି ।

ଅନନ୍ତ ଆବେଗେ ପଡୁଥିଲା ଢଳି

ସୁଧା ଢାଳି ଢାଳି ଶ୍ୱେତପଦ୍ମ ଧାଡ଼ି ଧାଡ଼ି ।। ୪୪

ବିମଳ କୋମଳ ଚନ୍ଦ୍ର ଜ୍ୟୋସ୍ନା ଜଳ

ଆନନ୍ଦ ଉଚ୍ଛଳ କଳକଳ ଢଳଢଳ ।

ଏମନ୍ତ ରୂପସୀ ଗିରିବାଳା ଶୋଭା

ଦେଖି ନାହିଁ କାହିଁ ଆକୁମାରୀ ହିମାଚଳ ?।। ୪୫

ତା ପ୍ରୀତି ସ୍ପର୍ଶରେ ସୁନ୍ଦରୀ ପ୍ରକୃତି

ମଙ୍ଗଳ ମଧୁର ସୁହାସିନୀ ଶୋଭାମୟୀ ।

ଶୁଭେ ଚଉଦିଗେ କଳକଳ ନାଦେ

ଜୀବନ ସଙ୍ଗୀତ ଗାଉଛି ଅମୃତମୟୀ ।। ୪୬

ନବ ସୃଜନର ରଙ୍ଗ ଖେଳାଇ

ବନଭୂମି କୋଳେ ରଜତ ସୁଷମା ଝୋଟି ।

ଅତୁଳ ସୁଷମା ହୋଇଛି କି ଠୁଳ

ଲାବଣ୍ୟ ପସରା ରୂପ ରଙ୍ଗ ପରିପାଟୀ ।। ୪୭

ସୁନ୍ଦରୀ ଐଶ୍ୱର୍ଯ୍ୟା ଚୁମ୍ବିବାକୁ ଅବା

ନୀଳ ବ୍ୟୋମ ନୀଳ ପଡ଼ିଛିକି ଢଳି ଦେଖି ।

ତୋ ଯଶ ପ୍ରଶସ୍ତି ଗାଇବାକୁ କ୍ଷଣେ

ପ୍ରୀତି ଅନୁରାଗେ ରହିଥିଲା ଆଖି ଲାଖି ।। ୪୮

ଚିର ସୁନ୍ଦରୀର ସୌନ୍ଦର୍ଯ୍ୟ ପିପାସା

ମେଂଟିବାକୁ ଏଠି ବସିଛନ୍ତି ଧାଡ଼ି ଧାଡ଼ି ।

କେତେ ଯେ ରସିକ ଭାବୁକ ପ୍ରେମିକ

ପ୍ରୀତି ପ୍ରତ୍ୟାଶାରେ ଆନନ୍ଦେ ଯାଆନ୍ତି ଗଡ଼ି ।। ୪୯

ପ୍ରୀତି ଭାବଧାରା ପ୍ରୀତିର ସନ୍ଦେଶ

ଐଶ୍ୱର୍ଯ୍ୟ ପ୍ରୀତିକୁ ବାଂଟୁଚି ସୁନ୍ଦରୀ ପଣେ ।

ଭୂସ୍ୱର୍ଗ ଉତ୍କଳ ଜନନୀ କୋଳରେ

ଧନ୍ୟ କେଉଁଝର ସୃଜିଛି ବିଧାତା ଜାଣେ ॥ ୫୦

ହୀରକ ଉଜ୍ଜ୍ୱଳ ଅତୁଳ ସୁଷମା

ଶୋଭା ସମ୍ପଦକୁ କିଏ ସେ ହୋଇବ ସରି ?

ବଢ଼ାଉଛି ଶୋଭା ଉତ୍କଳ କମଳା

କୋଳେ କି ଆନନ୍ଦେ ନୃତ୍ୟ ଛନ୍ଦେ ଝରି ଝରି ॥ ୫୧

ତୋ ରୂପ ମହିମା ଦେଖୁଥାନ୍ତି ଦୂରେ

ରୂପ ଦର୍ପଣରେ ସ୍ୱର୍ଗବାସୀ ଦିଗାଙ୍ଗନା ।

ମନ୍ଦାକିନୀ ଜଳେ ନୀଳ ତମିଶ୍ରାରେ

ଦେଖନ୍ତି ଦୁର୍ଲଭ ଦୃଶ୍ୟ ହୋଇ ଆନମନା ॥୫୨

ନିର୍ଜନ ପ୍ରହରେ ଆସନ୍ତି ସରଗୁ

ଦଳଦଳ ହୋଇ ତୋ ପ୍ରୀତି ସାନ୍ନିଧ ପାଇଁ ।

ଜଳକେଳି ସାରି ମହା ଆନନ୍ଦରେ

ଅଙ୍ଗ ସୁଷମାକୁ ଦେଖନ୍ତି ନିରେଖି ଚାହିଁ ॥ ୫୩

ଆନନ୍ଦ ସର୍ବସ୍ୱ ସୁଧା ସରସର

କ୍ଷୀର ସମୁଦ୍ରର ଫେନିଳ ଲହରୀ ପାଣି ।

ଦିଗାଙ୍ଗନା ଦିବ୍ୟ ରୂପ ଭୂଷଣକୁ

ଚମକାଇ ଥାନ୍ତି ଜାଣି ସେ ଅମୂଲ୍ୟ ମଣି ॥ ୫୪

ପ୍ରକୃତି ରାଣୀର ନୀଳ ପାଟଶାଢ଼ୀ

ରଜତ ଧଡ଼ିଏ ଚନ୍ଦ୍ର ଜ୍ୟୋତ୍ସ୍ନା ହାର ଗୋଟା ।

ଝଟକୁଛି ଅବା ମେଘରେ ବିଜୁଳି

ଧରା ଚମକାଇ ଲାସ୍ୟମୟୀ ରୂପଛଟା ।। ୫୫

ପରମ ଆତ୍ମୀୟ ପ୍ରୀତିଲଗ୍ନା କୋଳେ

ଲଭିଛନ୍ତି ସର୍ବେ ପରିପୂର୍ଣ୍ଣ ପରିତୃପ୍ତି ।

ସୌନ୍ଦର୍ଯ୍ୟ ପିପାସା ରୂପ କ୍ଷୁଧା ଲାଗି

ସୁଷମା ଭଣ୍ଡାରେ ସ୍ୱର୍ଗ ସମ୍ପଦ କି ପ୍ରାପ୍ତି  ।। ୫୬

ଆଖିରେ ଅମୃତ ମଧୁ ମକରନ୍ଦ

ସ୍ତନ ମଣ୍ଡଳର ଲାବଣ୍ୟ ଐଶ୍ୱର୍ଯ୍ୟ ଦେଖି ।

ଦୀପ୍ତ ଚମକିତ ଉଚ୍ଛାଙ୍ଗ ସୁଷମା

ମାଂସ ମହିମାରେ କିଏ  ନ ରହିଛି ଲାଖି ?।। ୫୭

ସରସ ଶ୍ରୀମନ୍ତ ତନୁଶ୍ରୀ ଲାବଣ୍ୟ

ରୂପ ଯଶ କୀ□ ମାଟିରୁ ଆକାଶ ଗାଏ ।

ରତୁ ମତେ କେତେ ଶୋଭା ବାଢୁଥାଏ

ଲୁବ୍ଧ ଲୋଭନୀୟ ସବୁରି ପରାଣ ଛୁଏଁ ।। ୫୮

ଚିର ସୁନ୍ଦରୀର ଚିର ଯୌବନକୁ

ଦେଖିଲେ ଆନନ୍ଦ ପ୍ରୀତି ପ୍ରମୋଦିନୀ ପ୍ରଭା ।

ପ୍ରୀତି ଉନ୍ମାଦନା ଲାଗି କି ଉଛନ୍ନ

ମିଳନ ଆକୁଳ ମନଲୋଭା ରୂପ ବିଭା ।। ୫୯

ସୁନ୍ଦରୀ ପ୍ରକୃତି ରୁଦ୍ର ରୂପ ଜାଣି

ବୁଦ୍ଧି ବଳେ ବିଧି ସୃଜିଛନ୍ତି ଯତ୍ନେ ବସି ।

ଶାନ୍ତ କମନୀୟ ସୌମ୍ୟା ସୁହାସିନୀ

ଦେଖି ବଶୀଭୂତ  ପରାଭୂତ ତମରାଶି ॥ ୬୦

ମହା ଭୀତିପ୍ରଦ ପ୍ରଳୟ ପ୍ରମାଦ

କ୍ରୋଧିତ ପ୍ରକୃତି ଭୀଷଣ ତାଣ୍ଡବ ଲୀଳା ।

ଭୁଲିକି  ଅଚିରେ ନବ ସର୍ଜନାରେ

ମଗ୍ନ ମୋହାବିଷ୍ଟ ଦେଖି ତୋ ସୁଷମା ଶାଳା ॥ ୬୧

ପୀତି ପ୍ରଦାୟିନୀ ପ୍ରୀତି ପ୍ରମୋଦିନୀ

ପ୍ରୀତି ଅଭ୍ୟର୍ଥନା ପ୍ରୀତି ସ୍ନିଗ୍ଧ ମନଲୋଭା ।

ବନଲକ୍ଷ୍ମୀ ବନ ଭୁବନ ବିସ୍ମିତ

ରୂପ ଲାବଣ୍ୟରେ ଉଦ୍ଭାସିତ ବର୍ଣ୍ଣବିଭା ॥ ୬୨

ପ୍ରୀତିକର ବୋଧ  ପ୍ରୀତିପ୍ରଦ ଛବି

ପ୍ରୀତି ରୋମାଂଚରେ ପ୍ରୀତିସ୍ନାତ ତନୁ ମନ ।

ଧନ୍ୟ ବନସ୍ଥଳୀ ବିଳାସ ଦର୍ପଣ

ଦିବ୍ୟ ଶୋଭା ଛବି ମଧୁବନ ବୃନ୍ଦାବନ ॥ ୬୩

ଶୈଳ ଶୋଭା ନୀଳ ମଞ୍ଜୁଳ ମୁକୁଟ

ଶ୍ୟାମଳ ଶିଖର ନୀଳ ଗଗନକୁ ଦେଖି ।

ସୁନ୍ଦରୀ ପ୍ରକୃତି ଗୁରୁ ଚିତ୍ରଶାଳା

ଲାଗି ନୀଳ ଜ୍ୟୋତି ନୀଳ ମେଘ ମନ ଲାଖି ।। ୬୪

ଉତ୍କଳ କମଳା ଶୋଭା ଭଣ୍ଡାରଏ

ଶୋଭା ଗନ୍ତାଘର ରମ୍ୟ ରୂପ ଛବି ଶୋଭା ।

ଐଶ୍ୱର୍ଯ୍ୟ ବିଳାସ  ଭୂମି କେଉଁଝର

କୋଟୀ ଲାବଣ୍ୟରେ ହେମଶ୍ୟାମ ନୀଳ ପ୍ରଭା ।। ୬୫

ମା ତାରିଣୀ ଙ୍କ ମହିମା ବରଷେ

ସୁଖ ଶାନ୍ତି ଲାଗି କୋଟି ଜନ କୃତ୍ୟ କୃତ୍ୟ ।

ମା ର ଆଶିଷ ଅମୃତ ପରଷେ

ସାନଘାଗରା ର ରୂପସ୍ୱର୍ଗ ଧନ୍ୟ ମର୍ତ୍ୟ   ।। ୬୬

ଭୁବନ ମୋହିନୀ ଲାଗିକି ପ୍ରକୃତି

ତ୍ରିଭୁବନ ଦିଶେ ଅନିନ୍ଦ୍ୟ ଇନ୍ଦ୍ର ଭୁବନ ।

ପୁଷ୍ପମୟ କାନ୍ତି ସୁବାସ ଚହଟେ

ହେମ ଶ୍ୟାମ ନୀଳ ସୁଷମା ତୀର୍ଥ ତୋ ସ୍ଥାନ ।।୬୭

ଶୁଭ୍ର ଚନ୍ଦ୍ର ଜ୍ୟୋସ୍ନା ସ୍ନିଗ୍ଧ କାନ୍ତି କାଳେ

ହଜିଯିବ ଦେଖି ପ୍ରଭାତୀ କିରଣ ଜାଳ ।

ସୁଖପ୍ରଦ ମଣି ମହା ଆନନ୍ଦରେ

ମିଶିଯାନ୍ତି କ୍ଷଣେ ତୋ ଅଙ୍କ ଆଶ୍ରୟ ସ୍ଥଳ ।। ୬୮

ତୋ କୋଳେ ଆନନ୍ଦ ପୁଣ୍ୟ ସ୍ନାନ ଲାଗି

ସ୍ପର୍ଶ କି ବିଜୁଳି ଶୀତଳ ଜାହ୍ନବୀ ଧାରା ।।

ଭବତାପ ଦୁଃଖ ଖଣ୍ଡନ ହୁଅନ୍ତେ

ତନୁ ତନ୍ତ୍ରୀ କ୍ଷଣେ ଆନନ୍ଦ ସଲିଳ ଝରା ।। ୬୯

କାଦମ୍ବିନୀ କୋଳେ ସୌଦାମିନୀ ଖେଳେ

ଖସେ କି ନିମିଷେ ଆଶାବାରି ବିନ୍ଦୁ ବିନ୍ଦୁ ।

ମୁକ୍ତା ମାଳି ପରି କୋମଳ ଉଜ୍ଜ୍ୱଳ

ଚୁମ୍ବିବାକୁ ଧାଏଁ ଧରିତ୍ରୀ ବଦନ ଇନ୍ଦୁ ।। ୭୦

ଦୂର ଆକାଶରେ ମେଘର ପାହାଡ଼

ଭାସି ବୁଲି ଦେଖେ ଛାଇ ଆଲୁଅର ଖେଳ ।

ସୁନ୍ଦରୀ ସବିତା ତେଜପୁଞ୍ଜ ପ୍ରଭା

ସ୍ୱର୍ଣ୍ଣମୟ ଜ୍ୟୋତି ଫୁଟି ଦିଶେ ସମୁଜ୍ଜ୍ୱଳ ।। ୭୧

ମୁକୁଟ ମଣ୍ଡିତ ମେଘ ମାଳା ଶୋଭା

ନାନା ଚିତ୍ରଛବି ନଭ ମଣ୍ଡଳରେ ଭାସେ ।

ସାତ ରଙ୍ଗ ବୁଣି ଇନ୍ଦ୍ରଧନୁ ମଣି

ମନ ମୋହୁଥାଏ ସ୍ୱର୍ଗଶାଳା ପରି ଦିଶେ ।। ୭୨

ଧନ୍ୟ ଏ ସୁନ୍ଦରୀ ଆସିଛି ସରଗୁ

ଦେଖିବାକୁ ତୋର ଅପରୂପ ରୂପବେଶ ।

ଧବଳ ଜୋଛନା ବୋଳା ତନୁଶ୍ରୀ ତୋ

ଦୁଗ୍ଧ ଫେନୀଳ ଉଚ୍ଛୁଳା ଲାବଣ୍ୟ ରସ ।। ୭୩

ସୁଷମା ଭୁବନେ ଲାସ୍ୟମୟୀରଙ୍ଗ

ରସ ପୀୟୂଷରେ  ସ୍ୱର୍ଗବାଳା ସର୍ବେ ପ୍ରୀତ ।

ଶତରୂପା ରୂପ ଲାବଣ୍ୟ ପସରା

ସବୁଜିମା କୋଳେ ଦେଖି ଲାଗେ ଆଚମ୍ବିତ ।। ୭୪

ସୁଷମା ସମ୍ଭୂତ ସାନଘାଗରା ର

ଅପରୂପ ଶୋଭା ଲାବଣ୍ୟ ତରଙ୍ଗ ଶିଳା ।

ଘର୍ଘର ନିର୍ଝର ସ୍ୱର କି ମଧୁର

ବାସ ଚହଟାଏ ବନ କୁସୁମର ମାଳା ।। ୭୫

ପାହାଡ଼ କୋଳରେ ଗୀତ ଗାଏ ମେଘ

ତୋ ସ୍ୱର ଲହରୀ  ସଙ୍ଗୀତ ଶୁଣୁ ଶୁଣୁ ।

ମେଘ ଉହାଡ଼ରେ ସୂରୁଜ ବୁଣଇ

ହୀରା ଲୀଳା ମୋତି ମାଣିକ୍ୟ ସୁବର୍ଣ୍ଣ ରେଣୁ ।। ୭୬

ଦୂର ପାହାଡ଼କୁ ଚୁମ୍ବୁଚି ନୀଳିମା

ନୀଳ ସମୁଦ୍ର କି ଦୂର ଆକାଶରେ ଭାସେ ।

ବୋଳି ବୋଳି ନୀଳ ଲାବଣ୍ୟ ବିଭବ

ବୁଡ଼ାଇ ଦେଇଛି ଅପୂର୍ବ ନୀଳିମା ରସେ ।। ୭୭

ଆଶାଦୀପ୍ତ ପ୍ରୀତ ପୁଲକିତ ପ୍ରଭା

ନିବିଡ଼ ନୀଳିମା ରୂପ କାନ୍ତି ରୂପ ଛବି ।

ନୀଳ ସୁନ୍ଦରୀ କି ଲେଖିଛି କବିତା

ନୀଳ ଶୋଭା ନୀଳ ପ୍ରୀତିରେ ପାଲଟି କବି ।। ୭୮

ଅସୀମ ଶୋଭାର ଅସରା ପସରା

ଚିର ଅପାଶୋରା ସୁଷମା ରାଇଜ ରାଣୀ ।

ବିଶ୍ୱ ଭୁବନରେ ଅପୂର୍ବା ଅନନ୍ୟା

ଐଶ୍ୱର୍ଯ୍ୟ ବାଂଟୁଛି ବିଭୁ ସୁଖ ସ୍ୱର୍ଗ ମଣି ।। ୭୯

ହସୁଛି ପାହାଡ଼ ବନ ବୃକ୍ଷ ଲତା

ମନ୍ତ୍ରମୁଗ୍ଧ ହୋଇ ଆକାଶ ଚ୍ହିଁଚି ଦୂରେ ।

ଝରୁଛି କିରଣ ମେଘମାଳା ଛୁଇଁ

ସୃଜିଛି ସୁରମ୍ୟ ରୂପ ଛବି ଦିଗଧାରେ ।।୮୦

ଲାବଣ୍ୟ ଉଛୁଳା ତନୁଶ୍ରୀ ସୁଷମା

ଝରି ଝରି ପଡ଼େ ରୂପର ଝରଣା ହୋଇ ।

ଆନନ୍ଦ ଜଳ କି ଶୀତଳ କୋମଳ

ସ୍ୱର୍ଗ ସୁଖ ମଣି ସରବେ ଆସନ୍ତି ଧାଇଁ ।। ୮୧

ଗୀତି ଗଙ୍ଗୋତ୍ରୀଏ  ପ୍ରୀତି ଗଙ୍ଗୋତ୍ରୀ ଏ

ସୁଧାସ୍ରାବୀ ଜଳ ଦିବ୍ୟ କରୁଣାର ଧାରା ।

ଦୁଃଖ ଜର୍ଜରିତ ସଂସାରୀ ଜନଙ୍କୁ

ଶାନ୍ତି ପ୍ରୀତି ଦେଇ ଧନ୍ୟ କରିଛୁ ଏ ଧରା ।। ୮୨

ଭବ ଦୁଃଖ ତାପ ଭୁଲିଯାଏ ମନ

ଦେଖୁ ଦେଖୁ ତୋର ଆନନ୍ଦ ଉଛୁଳା ତନୁ ।

କେଡ଼େ ଆପଣାର ଭାବରେ ବିଭୋର

ପ୍ରୀତି ଆହ୍ଲାଦିନୀ ଚିର ଅପାଶୋରା ମନୁ ॥ ୮୩

ପ୍ରୀତି ଆଶ୍ଳେଷରେ ନିବିଡ଼ ନିବିଡ଼

ତନ୍ଦ୍ରାଭୂତ ପ୍ରାଣ ଘନସାନ୍ଦ୍ର ସୁଖ ସ୍ୱର୍ଗ।

ଆନନ୍ଦ କଲ୍ଲୋଳ ଧାରା କଳକଳ

ଲାଗେ କୌତୁହଳ ଦେଖିବାକୁ ବର୍ଷବର୍ଷ ॥ ୮୪

ଆନନ୍ଦ ଝରଣା ସୁମଧୁର ସୁର

ମନ ଭୁଲାଣିଆ ସୁମିଷ୍ଟ ନୟନ ଠାଣି ।

ତରୁଣ ତରୁଣୀ ଆସିଥାନ୍ତି ଧାଇଁ

ଶୁଣିବାକୁ ତାର ଅମୃତ ମଧୁର ବାଣୀ ॥ ୮୫

ସୁଷମା ଶୋଭିତ ପ୍ରକୃତି କନ୍ଦରେ

ପରମା ସୁନ୍ଦରୀ ରୂପ ଶୋଭା ସ୍ୱର୍ଗ ମଣି ।

ଭାବୁକ ପ୍ରେମିକ ପ୍ରିୟ ପର୍ଯ୍ୟଟକ

ସ୍ମରୁଥାନ୍ତି କେତେ ରୂପ ଯଶ ଗୁଣ ଗୁଣି ॥ ୮୬

ତୋ ସ୍ନେହ ପରଶେ ଭୁଲିବାକୁ ଦୁଃଖ

ବିଷାଦ ଯନ୍ତ୍ରଣା ସଂସାର କଳୁଷ କ୍ଳେଶ ।

ଶାନ୍ତିର ନିଳୟେ ସୁଖ ଲଭିବାକୁ

ଗହଳି ଚହଳି ଲାଗିଥାଏ ବର୍ଷ ମାସ ॥ ୮୭

ଆସନ୍ତେ ଶରତ ହେମନ୍ତ ଶୀତ

ତରୁଲତା ମେଳେ ଖେଳିଯାଏ ଶିହରଣ ।

ପର୍ଯ୍ୟଟନ ଋତୁ ପୂଜା ପାର୍ବଣରେ

ପୂଣ୍ୟପୀଠ ସ୍ଥଳୀ ହୋଇଯାଏ ଲୋକାରଣ୍ୟ ।। ୮୮

ଚିର ସବୁଜିମା କନକ ପ୍ରତିମା

ଶାଢ଼ୀରେ ସୁଷମା ସୁବାସ କୁସୁମ ଫୁଟି ।

ଦିଶେ ଦିବ୍ୟ ଭବ୍ୟ ଆକାଶ ପୃଥିବୀ

ପ୍ରୀତି ଆହ୍ଲାଦିନୀ  ଝରଇ ଆନନ୍ଦ ଲୋଟି ।।୮୯  ଫେନିଳ

ନୀଳ ଐଶ୍ୱର୍ଯ୍ୟାର ନୀଳ ପଣତରେ

ଦୁଗ୍ଧ ଫେନିଳ ସଲିଳ ଶୀତଳ ଧାରା।

ମଙ୍ଗଳ ପ୍ରୀତିର ଶାନ୍ତି ଅହିଂସାର

ଗୀତ ଗାଉଥାଏ ପୁଲକିତ କରି ଧରା ।। ୯୦

ପାହାଡ଼ ଛାତିରେ ଝରଣା ଝରୁଛି

ପାହାଡ଼ ଉପରେ ମେଘର ପାହାଡ଼ ହାଟ ।

ଆକାଶ କୋଳରେ ସୁରୂଯ  ବୁଣୁଛି

ସୁନାର କିରଣ ହସୁଛି ବନାନୀ ପାଟ ।। ୯୧

କଳା ବଉଦର କାବ୍ୟ କୋମଳ

ଲଳିତ କଜ୍ଜ୍ୱଳ ମଖମଲି ଗ୍ୱଲି ହସ ।

ଭାସୁଛି କି ଧୀରେ ସାଧବ ବୋହୁର

ଥିରିଗ୍ୱଲି ପରି ଝରାଇ ଅମୃତ ରସ ।। ୯୨

ଥାକ ଥାକ ହୋଇ ଦିଶଇ ସୁନ୍ଦର

ଗିରିବନ ଲତା  ମେଘମାଳ ରୂପ କାନ୍ତି ।
ସୁବର୍ଣ୍ଣ  କିରଣ  ପରଶେ ସୁରମ୍ୟ
ପରଶୁଛି ରୂପ ବିଭବ ବୈଦୁର୍ଯ୍ୟ ପନ୍ତି ।। ୯୩
ହସୁଛି ଧରଣୀ ରାଣୀ କି ଆନନ୍ଦେ
ପଦ୍ମ ଫୁଲ ହସ ଫୁଟି ଉଠେ ଚଉଦିଗେ ।
ଝଟକେ ମଥାରେ ମଲ୍ଲିମାଳ ପରି
ସାନଘାଗରା କି ଅମୃତ ଅମୃତ ଲାଗେ ।। ୯୪
ଧାନକ୍ଷେତ ଛୁଇଁ    ଛୁଇଁ ଧାଇଁ ଯାଏ
ଲାବଣ୍ୟ ଲହରୀ  ଦୂର ଚକ୍ରବାଳ ଛୁଇଁ ।
ମେଘ ଉହାଡ଼ରେ ସୂରୁଜ ଢଳିଲେ
ଜୋଛନା ଝରାଇ   ଶଶୀକି ଆସିବ ଉଇଁ ।।୯୫
ପଥର ଉପରେ ଯୋଡ଼ି ଯୋଡ଼ି ହୋଇ
ପ୍ରେମିକ ପ୍ରେମିକା ବସିଥାନ୍ତି ଦଳଦଳ ।
ହାତ ଧରି କିଏ ଚୁମା ଦେଉଥାଏ
ଲୁହ ପୋଛୁଥାଏ ଅସହ୍ୟ ବିଦାୟ ବେଳ ।। ୯୬
କିଏ ଲେଖୁଥାଏ ନିଜ ନାମ ସାଥେ
ପ୍ରେୟସୀ ନାମ କୁ ଗୋପନରେ ଝୁରି ଝୁରି ।
ପ୍ରୀତି ଆଶାକରି ଆର ଜନମକୁ
ପଥର ଦେହରେ ଫୁଟିବାକୁ ଫୁଲପରି ।। ୯୭

ସେ ଏକା ବୁଝିଛି ମାନବ ତନୁରେ

ଭବ ସଂସାରରେ ଅମୃତ କଳସ ପ୍ରୀତି ।

ପ୍ରୀତିଲଗ୍ନା ତାର ପରମା ସୁନ୍ଦରୀ

ପ୍ରୀତି ପ୍ରଦାୟିନୀ ପୁଣ୍ୟମୟୀ ମହାସତୀ ।। ୯୮

ହୃଦୟ କନ୍ଦରେ ମନ ମନ୍ଦିରରେ

ପୂଜୁଥାଏ ନିତି ଭୁଲି ନିନ୍ଦା ଅପବାଦ ।

ମାନବ କଲ୍ୟାଣେ ତାହାର ସର୍ଜନା

ସୁବର୍ଣ୍ଣ ପ୍ରଭାତ ପରି ପଦ୍ମମୟ ହୃଦ ।। ୯୯

ଲାବଣ୍ୟ ହଳଦୀ ବୋଳା ଅଙ୍ଗଲତା

ସୁଧା ସରସର ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ ମୁହଁ ।

ଦିବ୍ୟ ସ୍ତନ ପଦ୍ମ ସୁଷମା ସମୁଦ୍ର

ରୂପା ଜହ୍ନ ପରି ଜ୍ୟୋସ୍ନାମୟ ସ୍ନିଗ୍ଧ ଦେହ ।। ୧୦୦

ମନଛୁଆଁ ଲାଗେ ତା ଗ୍ଳି ଗ୍ହାଣି

ମହ ମହ ବାସେ ହୃଦୟ ସୁନ୍ଦର କଥା ।

ଝୁରୁଥାଏ ସଦା ଆନନ୍ଦ ବିଭୋରେ

ରୂପ ଛବି ତାର ଭୁଲିଯାଏ ସର୍ବ ବ୍ୟଥା ।। ୧୦୧

ପ୍ରୀତିର ସାଧନା ସରି ନାହିଁ ଜାଣି

ଏଇ ଜନମରେ ନିମିତ ବିରହ ଦୁଃଖ ।

ଜାଣେ ପ୍ରୀତିଲଗ୍ନା ପ୍ରୀୟୁଷ ପ୍ରବାହ

ବ୍ରହ୍ମନୀଳ ସତ୍ୟ ବୈକୁଣ୍ଠ କୈବଲ୍ୟ ସୁଖ ।। ୧୦୨

ପୁଣ୍ୟଶ୍ରୀ ଭାରତ କୋଳେ କେତେ କେତେ

ବୀର ବୀରାଙ୍ଗନା ପ୍ରୀତି ପୁଣ୍ୟ ଯଶ ଲାଗି ।

ମରଣ ବିଜୟୀ ମହାଯୋଦ୍ଧା ପରି

ଅମର ହୋଇଲେ ହୃଦୟର ଦାବି ମାଗି ।। ୧୦୩

ବିରହ ଜ୍ୱଳାକୁ ନ ସହି କେତେଯେ

ତରୁଣ ତରୁଣୀ ପରାଣ ହାରନ୍ତି ହସି ।

ସମାଜର ଦାଉ ଆକଟ ଆଗରେ

ହାରିବେନି ବୋଲି ଜହର ପିଅନ୍ତି ବସି ।। ୧୦୪

ପ୍ରୀତି ନୁହେଁ ଖେଳ ମହାକାଳ ମାୟା

ମହାତପସ୍ୟା ଏ ଜନ୍ମ ଜନ୍ମାନ୍ତରେ ପରା ।

ପ୍ରୀତି ହୃଦୟରୁ ଦୁଃଖ ପୋଛିଦିଏ

ସାନଘାଗରା ର ପ୍ରୀତିସ୍ନାତ ଜଳଧାରା ।। ୧୦୫

ଖଣିଜ ସମ୍ପଦ ଭରା ବନଭୂମି

ଲୁଟୁଥାନ୍ତି ଦଳେ କରି କେତେ କଉଶଳ ।

ପାହାଡ଼ ଫଟାଇ ବନ ବୃକ୍ଷ ଧ୍ୱଂସ

କରନ୍ତି ଅଚିରେ ଦିନରାତି ହଳାହଳ ।।୧୦୬

ଧୂଳି ଧୂଆଁ ଉଠି ମିଶୁଛି ପବନେ

ନଦୀନାଳ ମାଟି ପ୍ରଦୂଷିତ ବେଳୁ ବେଳ ।

ତ୍ରାହି ତ୍ରାହି ନିତି ଡାକୁଛି ପ୍ରକୃତି

ବନବାସୀ ଦୁଃଖେ ମରନ୍ତି ହୋଇ ଆକୁଳ ।।୧୦୭

ଦରିଦ୍ର ଜନତା ଦରିଦ୍ର ହୁଅଇ

ସରକାରୀ କଳ ଦେଖୁଥାଏ ଜଳଜଳ ।

ଖଣି ଖୋଳି ଖୋଳି  ରକ୍ତ ମାଂସ ହାଡ଼

ମିଳେଇ ଗଲେବି ସରେ ନାହିଁ ତାର ବେଳ ।।୧୦୮

ଶ୍ରମିକ ପିଲାଙ୍କୁ ଯନ୍ତ୍ର ବିଦ୍ୟା ଶିକ୍ଷା

ଶିଳ୍ପରେ ନିଯୁକ୍ତି ଦେଲେ ସରକାର ଭାଇ   ।

ଆର୍ଥିକ ଉନ୍ନତି ନିଶ୍ଚୟ ହୋଇବ

ଦାରିଦ୍ର ଘୁଂଚିବ ବୁଦ୍ଧି କଣ ଦିଶୁ ନାହିଁ  ?।।୧୦୯

ସହସ୍ର ଏକର ସରକାରୀ ଜମି

ସୁଷମ ବଂଟନ କରି ଦେଲେ କିଛି ହାତେ ।

କଷଣ ଶୋଷଣ ଦୁଃଖ ଦୁର୍ନୀତି ରୁ

ମୁକତି ମିଳନ୍ତା ସମୃଦ୍ଧ ହୁଅନ୍ତେ ସତେ ।।୧୧୦

ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବିକନ୍ତେ

ବିପିଏଲ୍ ଲୋକେ ହାତକୁ ମିଳନ୍ତା କାମ ।

ଗ୍ରାମେ ଗ୍ରାମେ ହେଲେ ଆହାର ଯୋଜନା

ଦରିଦ୍ର କଲ୍ୟାଣେ ଭାଗ୍ୟ କି ହୁଅନ୍ତା ବାମ ।।୧୧୧

ଶୋଧା ଗାଳି ଦେଲେ  ଗ୍ରାମ ତ୍ୟାଗ ଦଣ୍ଡ

ବ୍ୟବସ୍ଥା ହୋଇଲେ  ହେବ ବଇକୁଣ୍ଠ ଧାମ ।

ଶୋଧାମୁକ୍ତ ଗ୍ରାମ ଘୋଷଣା ହୋଇଲେ

ନିଶ୍ଚୟ ବଢ଼ନ୍ତା ନାରୀ ଜାତି ଯଶ ନାମ ।।୧ ୧ ୨

ଉତ୍ସବ ମୁଖର ସୁବର୍ଣ୍ଣ ପ୍ରଭାତ

ମାଟିରୁ ଆକାଶ ମଙ୍ଗଳ ସଙ୍ଗୀତ ଗାଏ ।

ବନପକ୍ଷୀ ସ୍ୱନ କାକଳି ମାଧୁରୀ

ସ୍ୱାଗତ ବନ୍ଦନା ସବୁଜିମା ଛୁଇଁ ଯାଏ  ।।୧ ୧ ୩

ତୋ ସ୍ୱର ଲହରୀ ଅମୃତ ମୂର୍ଚ୍ଛନା

ଝରିଝରି ଯାଏ ବନଭୂମି ପ୍ରାଣ ଛୁଇଁ ।

ପ୍ରୀତି ଆହ୍ଲାଦିନୀ ପ୍ରୀତି ପରଶରେ

ଆନନ୍ଦ ବୈକୁଣ୍ଠ ନୀଳସ୍ୱର୍ଗ ନୀଳ କଇଁ ।। ୧ ୧ ୪

ନୈସର୍ଗିକ ଶୋଭା ସୁଷମା ନିଳୟ

ଦିଗନ୍ତ ବିସ୍ତାରୀ ସ୍ୱର୍ଣ୍ଣ ରେଣୁ ରାଗ ଛବି ।

ସିନ୍ଦୂର ମଣ୍ଡିତ ପ୍ରାଚୀ ବାଳା ମୁଖ

ଅରୁଣ ଉଷାର ସୁବର୍ଣ୍ଣ କଳସ କବି ।। ୧ ୧ ୫

ବହୁବର୍ଣ୍ଣୀ ବ୍ୟୋମ ବିଭବ ବର୍ଣ୍ଣାଳି

ପଡୁଛିକି ଝରି ଆନନ୍ଦ ସଙ୍ଗୀତ ଗାଇ ।

ନବ ଆଶା ନବ ଉନ୍ମାଦନା ଖେଳେ

ହସି ଉଠେ ଧରା ବିଶ୍ୱ ଜନ ମନ ମୋହି ।। ୧ ୧ ୬

ନବୀନ ଉଲ୍ଲାସେ ଅମୃତ ପରଶେ

ଧରିତ୍ରୀ ସୁନ୍ଦରୀ ମାଧୁର୍ଯ୍ୟ ମୋହନ ରୂପ ।

ଉତ୍କଳ ଜନନୀ ନୟନ ଜ୍ୟୋତି ଏ

ଉଜ୍ଜ୍ୱଳ  ନକ୍ଷତ୍ର ଦୀପ୍ତିମାନ ଅପରୂପ ।। ୧୧୭

ବୁଲି ମୁଁ ଦେଖିଛି କେଉଁଝର ଗଡ଼

ବନାନୀ ତଟିନୀ ଗ୍ରାମବାସୀ ବନବାସୀ ।

ଶସ୍ୟ ଶ୍ୟାମଳା ଶୋଭାର କମଳା

ଶୋଭା ବିତରଇ କି ସୁନ୍ଦର ହସିହସି ।। ୧୧୮

ଶାଳ ବଣ ଠିଆ ବନାନୀ ବୁକୁରେ

ସ୍ତମ୍ଭୀଭୂତ ଦେଖି ମାଳମାଳ ସ୍ତମ୍ଭ ଖମ୍ବ  ।

ମହୁଲ ଫୁଲରୁ ମହକ ଛୁଟଇ

ମଧୁମକ୍ଷୀ ମଧୁ ପାନେ ଦିଏ ପ୍ରୀତି ଚୁମ୍ବ ।। ୧୧୯

ମାଳମାଳ ଆମ୍ର ବୀଥିକା ବିଭବ

ବଉଳ ସୁବାସ ଖେଳିଯାଏ ଚଉଦିଗେ ।

ଶ୍ୟାମଳ ସ୍ୱର୍ଣ୍ଣିମ ସବୁଜ ଲାବଣ୍ୟ

ପାହାଡ଼ ଛୁଇଁ କି ଚହଟଇ ଅସ୍ତରାଗେ ।। ୧୨୦

ଖଣ୍ଡାଧାର ପରି ଦିଶେ ଖଣ୍ଡାଧାର

ଖସୁଛି ଗଗନୁ ଦୁଗ୍ଧ ଶୀତଳ ଧାର।।

କ୍ଷିପ୍ର ତଡ଼ିତ୍ ବେଗବତୀ ନଦୀ

ବିଜୁଳି କନ୍ୟାଏ ଧରାକୁ ମଣ୍ଡୁଛି ସରା ॥ ୧୨୧

ବଡ଼ଘାଗରା ର ଘର୍ଘର ନିର୍ଘୋଷ

ନୀରବି ଯାଇଛି ଜଳାଶ୍ରୟ ଶ୍ରେୟ ମଣି ।

ଜଳ ସମ୍ପଦରେ ଶସ୍ୟ ଶ୍ୟାମଳା

ବିଲବନ ଗ୍ରାମ ହସଇ ଧରଣୀ ରାଣୀ ॥ ୧୨୨

ଜ୍ୟୋତ୍ସ୍ନା ଶୀତଳ ମଳୟ ହିଲ୍ଲୋଳ

ହେମାଳ କୋମଳ  ସାନଘାଗରା ର ଜଳ ।

ଦେବକନ୍ୟାର ଦୀପ୍ତି ଚମକ

ଶୋଭା ଆଭା ପ୍ରଭା ଐଶ୍ୱର୍ଯ୍ୟରେ ଢଳଢଳ ॥୧୨୩

ନିର୍ମଳ ପ୍ରକୃତି କୋଳେ କି ଆନନ୍ଦ

ନିରାମୟ ଶାନ୍ତି ବିରାଜୁଛି ନିରବଧି ।

ବନଲତା କୋଳେ ବନ୍ୟପ୍ରାଣୀ ମେଳେ

ମିଳନ ସଙ୍ଗୀତ ଗାଉଛିକି ହୃଦନିଧି ॥ ୧୨୪

ଅସରନ୍ତି ଦେଖି ସୁଷମା ଐଶ୍ୱର୍ଯ୍ୟ

ପ୍ରୀୟୁଷ ପ୍ଲାବନ ସୃଜନ ମହିମା ବିଧି ।

ଅପୂର୍ବା ସୁନ୍ଦରୀ ବିଶ୍ୱ ବ୍ରହ୍ମାଣ୍ଡରେ

ସୃଜିଛି କି ଯତ୍ନେ ଖଞ୍ଜି କେତେ ବିଦ୍ୟାବୁଦ୍ଧି ॥ ୧୨୫

ବିଶ୍ୱ କଲ୍ୟାଣୀୟା ବିଶ୍ୱ ମନୋରମା

ବିଶ୍ୱ ଜନ ମନ ମୋହୁଛି ମହିମା ବଳେ ।

କଳ କଲ୍ଲୋଳିନୀ ପୁଣ୍ୟ ଜଳଧାରା

ପ୍ରୀତି ସ୍ପର୍ଶ ଲଭି ଯଶୋଦେହୀ ଧରା ତଳେ ॥ ୧ ୨ ୬

ବିଶ୍ୱହିତେ ତାର ବୈଦୁର୍ଯ୍ୟ ବିଳାସ

ଶୋଭାଶ୍ରୀ ସମ୍ପଦ ଗିରିବନ ପୁଣ୍ୟ ତୀର୍ଥ ।

କରୁଣା ଉତ୍କଳେ ଯଶ ଗୁଣ ଖ୍ୟାତି

ବୀର ଗାଥା କୀ□ ବଖାଣେ ଗୌରବ ଅର୍ଥ ॥ ୧ ୨ ୭

କାନେ କାନେ କହେ ଅତୀତ ଗୌରବ

ଇତିହାସ ଗାଥା ଉତ୍କଳର ଯଶ ଖ୍ୟାତି ।

ଦୟା କରୁଣାର ଶାନ୍ତି ଅହିଂସ ର

ବଳେ ବଳୀୟାନ ବିଶ୍ୱବନ୍ଦିତ ଏ ଜାତି ॥ ୧ ୨ ୮

ସ୍ୱାଧୀନତା ପ୍ରିୟ ସମର କୁଶଳୀ

ଅଦମ୍ୟ ସାହସୀ ସାଗରେ ସାଧବ ପୁଅ ।

ବିଶ୍ୱ ବାଣିଜ୍ୟରେ ପୁଣ୍ୟ କୀ□ ଲାଗି

ଝୁରୁଛି ଏ ମାଟି ଆକାଶ ତରଙ୍ଗ ଲୁହ ॥ ୧ ୨ ୯

ଆହେ ଯୁବ କୂଳ ଏ ଜାତି ସମ୍ପଦ

ନବ ଯୁଗ ରବି ଉଦୟ ଉତ୍ସବ ଲାଗି ।

ଜାଗି ଉଠ ଜାଗି ଉଠଜଡ଼ ତେଜି

ଝଡ଼ ପରି ନବ ସୃଜନରେ କର୍ମଯୋଗୀ ॥ ୧୩୦

---

ଆନନ୍ଦ ବିଭୋରେ ବୁଲି ଦେଖୁଥିଲି

ଆନନ୍ଦ ଉଚ୍ଛଳ ଜଳଧାରା ଢଳିଢଳି ।

ପ୍ରୀତି ପୀୟୂଷରେ ପ୍ରୀତିମୁଗ୍ଧ ପ୍ରାଣ

ଉଚ୍ଛ୍ୱସିତ ଧାରା ପଡୁଛି କ୍ଷଣେ ଉଚ୍ଛୁଳି ॥ ୧୩୧

ଆନନ୍ଦ ସଙ୍ଗୀତେ ଆହ୍ଲାଦିତ ସର୍ବେ

ଅନୁରାଗମୟ ଲଳିତ ମୂର୍ଚ୍ଛନା ଧାରା ।

ପ୍ରୀତିମଗ୍ନା ଆଖି ଅଧରୁ ଐଶ୍ୱର୍ଯ୍ୟ

ଝରୁଥିଲା ଦେଖି ଆନନ୍ଦ ମୁଖର ଧରା ॥ ୧୩୨

କୃଷ୍ଣ କଟାକ୍ଷରେ ଘନକୃଷ୍ଣ ଘନ

କମନୀୟ  କାନ୍ତି ଛଟାରେ ମାଦକ ମୋହ ।

ଦୂର ପାହାଡ଼ର ଶ୍ୟାମ କୃଷ୍ଣ ଦ୍ୟୁତି

ମେଘ ମେଦୁରିତ ମୁଖରିତ ଅହରହ ॥ ୧୩୩

ପ୍ରୀତି ଆତିଥ୍ୟରେ ପ୍ରାଣମୟୀ ଯେବେ

ଉଷ୍ଣ ଅନୁରାଗେ ଗ୍ରହୁଁଥିଲା ଚୁମି ଚୁମି ।

କ୍ଷଣପ୍ରଭା ପାଶେ ଦୂର ଆକାଶରେ

ଅକାତରେ ମେଘ ଝରୁଥିଲା ଝୁମି ଝୁମି ॥ ୧୩୪

ରୋମାଂଚି□କ୍ଷଣେ ରକ୍ତ ମାଂସ ପ୍ରାଣ

ଆକାଶ ଗଙ୍ଗାରୁ ପଡୁଥିଲା ଝରିଝରି ।

ନୀଳ ଚେତନାର ମାୟାରେ ଛାୟାରେ

ସ୍ୱପ୍ନ କଳ୍ପନାରେ ତନ୍ଦ୍ରାଭୂତ ହେଲାପରି ॥ ୧୩୫

ଚିନ୍ମୟ ସ୍ମୃତିରେ ଅନୁପମ ତାର

ଅମିୟ ଚେତନା ଦୀପ୍ତ ଆଲୋକ ଧାରା ।

ଶାଶ୍ୱତ ପ୍ରୀତିର ପ୍ରୀତିମୁଗ୍ଧ ସ୍ପର୍ଶ

କୁମାରୀ ପ୍ରାଣର ଚିରନ୍ତନ ପୁଣ୍ୟ ଧାରା ।। ୧୩୬

କେତେ ସରାଗରେ ଡାକୁଥିଲା ଯେବେ

ରାଜା ରାଜା ବୋଲି ଅନୁରାଗ ବୋଳି ବୋଳି ।

ପ୍ରୀତି ମହିମାରେ ମୂର୍ଚ୍ଛିତ ତନୁ ମୋ

ଧରିଥିଲା ଧୀରେ ବାହୁ ବନ୍ଧନୀରେ ତୋଳି ।। ୧୩୭

ନରମ ଲୁହର ନୀରବ ଦ୍ୟୁତିରେ

ବିନ୍ଦୁ ବିନ୍ଦୁ ମୁକ୍ତା ଖସୁଥିଲା ଯେବେ ଆଖିରୁ ।

କରୁଣା କଟାକ୍ଷ ତୋଳି ଚାହୁଁଥିଲା

ବିଭୋର ପ୍ରୀତିରେ ପୀୟୁଷ ଝରାଇ ଅନ୍ତରୁ ।। ୧୩୮

ପ୍ରଣମ୍ୟ ପ୍ରଣୟୀ ସୁଖ ମନାସନ୍ତେ

ଅପୂର୍ବ ରାଗରେ ମୁଖେ ମମତାର ଛଟା ।

ଧନ୍ୟ କବିପ୍ରାଣ କବିବଧୂ ଲାଗି

ପୋଛୁଥିଲେ ଯେବେ ନିନ୍ଦା ଗାଳି ଲଜ୍ଜାଛିଟା ।। ୧୩୯

ନିଷ୍କାମ ପ୍ରଣାମ ଜଣାଏ ତୁମକୁ

କାଳ କାଳ ଲାଗି କାଳଜୟୀ ତୁମେ ମହିରେ ।

ସେ ଯେ ମନ୍ଦିର ତୁମେ ମୁଖଶାଳା

ମୁଁ ତ ସୃଜନୀର କାଳକାଟେ ତୁମ ପୂଜାରେ ll ୧୪୦

ପୁଲକ ମୂଲକ ଆଲୋକ ଝଲକ

ମଙ୍ଗଳ ମୂର୍ଚ୍ଛନା ଶିବ ସୁନ୍ଦର ବନ୍ଦନା ।

ମଧୁମୟ ଦୃଶ୍ୟ ପ୍ରାଣମୟ ବିଶ୍ୱ

ପ୍ରକୃତି ରାଣୀର  ଦିବ୍ୟ  ଭବ୍ୟ ପୂଜାର୍ଚ୍ଚନା ll ୧୪୧

ଅନନ୍ତ ଆକାଶେ ବିଶ୍ୱପ୍ରାଣ ଜ୍ୟୋତି

ନୀଳ ବ୍ୟୋମନୀଳ ଶଇଳେ ଅପୂର୍ବ ଲୀଳା ।

ଚମତ୍କାର ଗୁରୁହାସିନୀ ଚପଳା

କଳାମେଘ କୋଳେ ପରଶୁଛି ହୀରା ଲୀଳା ll ୧୪୨

ବର୍ଣ୍ଣୋତ୍ସବମୟ ଆଲୋକ ଅନ୍ଧାର

ମଧୁଲଗ୍ନ ଶୋଭା ଅରୁଣ ଅବିର ବୋଳା ।

ପ୍ରାଚୀନଭ ଦିବ୍ୟ ସ୍ୱର୍ଣ୍ଣ ଆଭୂଷଣେ

ସୁନୀଳ ସ୍ୱର୍ଣ୍ଣିମ ବାଳଭାନୁ ସ୍ୱର୍ଗବାଳା ll ୧୪୩

ପୁଷ୍ପିତା ପ୍ରକୃତି ପ୍ରୀତିରୂପ ଯଶ

ବର୍ଣ୍ଣାଢ୍ୟ ବର୍ଣ୍ଣିଳ ସ୍ୱର୍ଣ୍ଣ କାବ୍ୟ ଧରାଭୂଇଁ ।

ସୁଷମା ପୂରିତ ରମ୍ୟ ରୂପ ଛବି

ସ୍ନିଗ୍ଧ ମନୋହର ଶୈଳ ଶ୍ୟାମ କୁଞ୍ଜ ଛୁଇଁ ll ୧୪୪

ସବୁଜ ଶ୍ୟାମଳ କେଦାର କାନନ

ପ୍ରଶାନ୍ତ ପ୍ରସନ୍ନ ସ୍ୱର୍ଣ୍ଣଶ୍ରୀ ଭାସ୍ୱର ଦିବ୍ୟ ।

ନବ ବଧୂ ରୂପ ସୁବେଶ ସୁରଙ୍ଗ

ପଦ୍ମ ପୁଷ୍ପ ଛବି ରସମୟ ପ୍ରୀତି କାବ୍ୟ ।। ୧୪୫

ସୁଧାଝରା ପ୍ରୀତି ଝରା ପ୍ରୀତିଲଗ୍ନା

ଦୁଗ୍ଧ ଫେନିଳ ଆନନ୍ଦ କଲ୍ଲୋଳ ଧାରା ।

ମାୟା ବନ୍ଧନରେ ବାସ୍ନା ବିଭୋର

ମହାକାବ୍ୟ ରୂପ ଚିତ୍ରବୈଚିତ୍ର ରେ ଭରା ।। ୧୪୬

କବି କଳ୍ପନାର ତୁଳିରେ ତୁଳିରେ

ରଙ୍ଗ ବୋଳିଛି ସ୍ୱପ୍ନ ସୁନ୍ଦରୀ ରାତି ।

ସବୁରି ପ୍ରାଣରୁ ବିଷାଦ କାଳିମା

ପୋଛି କି ପ୍ରୀତିରେ ବାଂଟୁଛି ଆନନ୍ଦ ନିତି । ୧୪୭

ପ୍ରୀତି ପ୍ରାଚୁର୍ଯ୍ୟର ପୁଣ୍ୟମୟ ଧାରା

ଶୋଭାର ଭଣ୍ଡାର ନୈସର୍ଗିକ ନୀଳୋତ୍ପଳ ।

ମଙ୍ଗଳମୟ ସଙ୍ଗୀତମୟ

ସୌନ୍ଦର୍ଯ୍ୟ ସୁଧା କଳକଳ ଢଳଢଳ ।। ୧୪୮

ଉତ୍ସବ ମୁଖର ପ୍ରୀତି ନିର୍ଝରିଣୀ

ସଲିଳ ଅନିଳ କାବ୍ୟମୟ କଳରବ ।

ବିଭୋର ପ୍ରୀତିରେ ଚଳଚଂଚଳ

ପ୍ରାଣ ଚଂଚଳ ଉଚ୍ଛଳ ଅନୁଭବ ।। ୧୪୯

ପରମ ପବିତ୍ର ପ୍ରୀତ ପୁଲକିତ

ଶୁଭ ଶାଶ୍ୱତ ଚୈତନ୍ୟମୟ ଚେତନା ।
ଅନନ୍ତ ଐଶ୍ୱର୍ଯ୍ୟ ଅଭିଷିକ୍ତପ୍ରାଣ
ପ୍ରୀତି ଆହ୍ଲାଦିତ ପଂଚଭୂତ ପୂତ ରଚନା ।। ୧୫୦
ଐଶୀ ଉଲ୍ଲାସରେ ବିଭୁମୟ ପ୍ରାଣ
ମହାମିଳନରେ ସୁଧା ସଙ୍ଗୀତ ଗାଇ ।
ମହୋଦଧିମୟ ମହାଚେତନାରେ
ପୁଣ୍ୟମୟୀ ପ୍ରୀତି ମିଳନେ ଝରଣା ହୋଇ ।। ୧୫୧
ପ୍ରୀତି ସାଧନାର ମହାଯୋଗୀ କବି
ପ୍ରାଣସଖୀ ଲାଗି ଧରାବତରଣ କରେ ।
ମୋହନ ମୁରଲୀ ଧ୍ୱନି ଶୁଣିବାକୁ
ମିଳନ ଐଶ୍ୱର୍ଯ୍ୟ ପୁଣ୍ୟ ସୁଖ ଲଭିବାରେ ।। ୧୫୨
ତିକ୍ତ ମଧୁର ବେଦନା ବିଧୁର
ବିଷାଦ ପ୍ରଣୟ ଗୋପନ ଆନନ୍ଦ ପର୍ବ ।
ଶାଶ୍ୱତ ଶୁଭ ମଙ୍ଗଳମୟ
କନକ ପ୍ରଭାତ କାବ୍ୟମୟ ରୂପ ସ୍ୱର୍ଗ ।। ୧୫୩
ସବୁଜ ସକାଳ ସୁନ୍ଦର ସକାଳ
ସ୍ୱର୍ଣ୍ଣିମ ସକାଳ ଆଶା ଜ୍ୟୋତି ସମୁଜ୍ଜ୍ୱଳ ।
ମୁକ୍ତିକାମୀ ଆତ୍ମା ମୁକ୍ତି ର ମରାଳ
ନୀଳସ୍ୱର୍ଗମୁଖୀ ନୀଳ ଚେତନାରେ ନୀଳ ।। ୧୫୪

ଆଶା ଆନନ୍ଦର ମୁଗ୍ଧ କଳରବ

ମିଳନ ମୂର୍ଚ୍ଛନା ଭାସିଯାଏ ଝରିଝରି ।

ସ୍ୱର୍ଗୀୟ ପ୍ରୀତିର ମହକ ବିତରି

ସାନଘାଗରାର ପୁଣ୍ୟ ସଲିଳ ପରି ।। ୧୫୫

ଆହାକି ସୁନ୍ଦର ଧରିତ୍ରୀ ଆକାଶ

ନୀଳ ଶୈଳ ବନ ସ୍ୱର୍ଣ୍ଣ ଅଭିଷେକ ବେଶ ।

ସ୍ୱର୍ଣ୍ଣ ଅଭିସାରେ ସବିତା ସୁନ୍ଦରୀ

ରାଜଜେମା ରାଜ ଦେବବାଳା ଦିବ୍ୟ ହସ ।। ୧୫୬

ମହାମିଳନର ମିଳନ ସଙ୍ଗୀତ

ବିଶ୍ୱ ଗାଉଛି ନଶ୍ୱର ଯାଏ ଭାଜି ।

ସତ୍ୟ ଶିବ ପୂଜା ବନ୍ଦନା ଲାଗି

ତା କୋଳେ ଲଭିଛି ପ୍ରୀତି ଅମୃତରାଜି ।। ୧୫୭

ସ୍ୱର୍ଗବାଳା ହାତେ ସ୍ୱର୍ଗ ପାରିଜାତ

ଫୁଟିଛି କି ନୀଳ ଶଇଳ  ସଲିଳ ଧାରେ ।

ଭୁବନ ମୋହିନୀ ରୂପ ଭୁବନରେ

ରୂପ ତୃଷ୍ଣା ମେଂଟି ଖେଳୁଛି କି ଆନନ୍ଦରେ ।। ୧୫୮

ରୂପ ତରଙ୍ଗରେ ଚିନ୍ମୟ ଚେତନା

ନାଦ ବ୍ରହ୍ମ ନୀଳ ମଧୁ ମାଙ୍ଗଳିକଧ୍ୱନି ।

ସ୍ନିଗ୍ଧ ବନ ଛାୟା ବୈକୁଣ୍ଠ ଭୁବନ

ମାୟା ରଚିଛି କି ଜ୍ୟୋସ୍ନା ଶୁଭ୍ର କାଦମ୍ବିନୀ ॥ ୧୫୯

କୋଟୀ କମନୀୟ କଳ୍ପନା ବିଳାସ

କଳାତ୍ମକ ରୂପ ଆନନ୍ଦ ଉଲ୍ଲାସ ସ୍ୱର୍ଗ ।

ପ୍ରୀତିଲଗ୍ନା ପ୍ରୀତି ମାଧୁରୀ ଅମୃତ

ପାନ କରିବାକୁ ଯୁବବର୍ଗ ଶତବର୍ଗ ॥ ୧୬୦

ସାନଘାଗରା ର ଲୋଭନୀୟ ରୂପ

ଲାବଣ୍ୟର ଛଟା ପ୍ରୀତି ସ୍ପର୍ଶେ ଅଭିଭୂତ ।

ତା କୋଳେ ଆନନ୍ଦ ଐଶ୍ୱର୍ଯ୍ୟ ଲଭିକି

କାଳ କାଟିବାକୁ  ପ୍ରୀତପ୍ରାଣ ଆଶାନ୍ୱିତ ॥ ୧୬୧

## ସ୍ୱପ୍ନଝରା

ଋତୁଚକ୍ର ଦେଇ ଚତୁର୍ମାସ୍ୟା ପରେ

ଆସିଲେ ଶରତ ହସଇ ଧରଣୀ ରାଣୀ ।

ସୁନାର ଫସଲ ହସେ ବିଲ ବନେ

ଖେଳେ ଧାନକେଣ୍ଡା କାଶତଣ୍ଡି ଫୁଲମଣି ॥ ୧୬୨

ବୁନ୍ଦା ବୁନ୍ଦା କରି ଶିଶିର କାକର

ମୁଛା ମାଳି ପରି ଝଟକେ ପତରେ ଘାସେ ।

ଧାନ ବୁନ୍ଦା ମୂଳେ ଚୂନା ମାଛ କେତେ

ଖେଳି ବୁଲୁଥାନ୍ତି ଅପୂର୍ବ ଆନନ୍ଦ ରସେ ॥ ୧୬୩

ସାରୁ ଫୁଲ ଫୁଟି ମହକ ଛୁଟାଏ

ବାଡ଼ି ବଗିଚ୍ଚାରେ କେତେ ଫୁଲ ପ୍ରଜାପତି ।

ରଙ୍ଗ ବେରଙ୍ଗର  ଗୁଡି ପରି ଉଡି

ଆନନ୍ଦ ଅଧୀର ଚୁମ୍ବିବାକୁ ମଧୁ ପ୍ରୀତି ।।୧୬୪

ପୋଇ ଡଙ୍କ ଲାଉ ପାଣି କଖାରୁ ର

ଫୁଲ ହାଟ ବସେ ପୀଢ଼ାରେ କଖାରୁ ଦିଶେ ।

ସଞ୍ଜ ନଇଁ ଗଲେ ସରଗରୁ ଶଶୀ

ଜୋଛନା ଢାଳଇ ଦାଣ୍ଡ ବାରି ଗାଁ ହସେ ।। ୧୬୫

କୁଆଁରୀ ଝିଅଙ୍କ କେତେ ଖେଳ ମେଳ

ବଉଳ ବସିଲେ ସାଦାପାନ ଗୁଆ ବାସେ ।

ଦଳ ଦଳ ହୋଇ ଗୀତ ଗାଇ ଗାଇ

ପୁଚି ଖେଳୁଥିଲେ ମଲ୍ଲୀ ଫୁଲ ମୁହଁ ଭାସେ ।। ୧୬୬

ନ ଥାଏ ଆକାଶେ ଘନଘୋଟ ଘୋର

ଆଡ଼ମ୍ବର  ଡ଼ର ଘର୍ଘର ଡମ୍ବର ସ୍ୱର ।

ଗଙ୍ଗଶିଉଳିର ସୁବାସ ପରଶେ

ପୁରପଲ୍ଲୀ ବାସେ ହସେ ନଈ ପଠା ଧାର ।। ୧୬୭

ମାଟିରେ ମହକ ଖେଳିବୁଲେ ଦେଖି

ଆକାଶେ ଜୋଛନା ଆଖି ଠାରେ କୁମୁଦିନୀ ।

ସାନଘାଗରା ର ହିଲ୍ଲୋଳ କଲ୍ଲୋଳ

ସଲିଳ ତରଙ୍ଗେ ମିଠା କୁଳୁକୁଳୁ ଧ୍ୱନି ।। ୧୬୮

ପୂଜା ପାର୍ବଣରେ କେତେ ନାଚ ଗୀତ

ବଣଭୋଜି ମଜା ଆନନ୍ଦ ଆକାଶ ଛୁଏଁ ।

ତରୁଣ ପ୍ରାଣର ପ୍ରୀତି ସଙ୍ଗୀତ

କୁମାରୀ ଆଖିରେ ସ୍ୱପ୍ନ ଝରାଉ ଥାଏ ।।୧୬୯

## ଆନନ୍ଦଝରା

ଚିର ବନ୍ଦନୀୟା କଳ କଲ୍ଲୋଳିନୀ

ଗିରିବନ କୋଳେ ଝରୁଛି ଝରଣା ହୋଇ ।

ସୁଧାଝରା ପ୍ରୀତି ଐଶ୍ୱର୍ଯ୍ୟ ଆହ୍ଲାଦ

ଉଛୁଳେ ଉଲ୍ଲାସେ ପ୍ରୀତିମଗ୍ନା ପ୍ରୀତି ହୋଇ ।।୧୭୦

ପ୍ରୀତିମଗ୍ନା ରୂପ ଲାବଣ୍ୟ ମହିମା

ମହକ ବିତରେ ମଧୁ ଛନ୍ଦେ ଛାୟା କୁଞ୍ଜେ ।

ସ୍ନିଗ୍ଧ ଢଳଢଳ ବିମଳ ଆନନ୍ଦ

ବଦନ କମଳା କୋଟୀ ଜନ ହୃଦ ରଞ୍ଜେ ।।୧୭୧

ପୁଣ୍ୟଶ୍ରୀ ଚିରଶ୍ରୀ ଗ୍ୱରୁ ହାସ୍ୟମୟୀ

ପ୍ରାଚୀ ପଦ୍ମା ପରି ଆନନ୍ଦ ଲହରୀ ତୋଳି ।

ସ୍ୱର୍ଗ ମନ୍ଦାକିନୀ ସୁଧା ସ୍ନିଗ୍ଧ ଧାରା

ପଡୁଛିକି ଖସି ଶୈଳଶେଯେ ଢଳିଢଳି ।।୧୭୨

ବିସ୍ମୟ ବିମୁଗ୍ଧ ତନ୍ଦ୍ରାଭୂତ ପ୍ରାଣ

ପ୍ରୀତି ଉଚ୍ଛ୍ୱାସରେ ପ୍ରସ୍ଫୁଟିତ ପଦ୍ମନୀଳ ।

ସ୍ୱପ୍ନାବିଷ୍ଟ ସ୍ୱତଃ କୋଟୀ କଳ୍ପନାର

ଇନ୍ଦ୍ରଧନୁ ରଙ୍ଗ ବୋଲି କି ଦିଶେ ଉଜ୍ଜ୍ୱଳ ।।୧୭୩

ମହା ଉଲ୍ଲାସରେ ଉଲ୍ଲସିତ ଚି

ଆବେଗ ସ୍ପନ୍ଦିତ ପ୍ରୀତିଲଗ୍ନା ପ୍ରୀତି ସ୍ପର୍ଶେ ।

ନୀଳ ତନ୍ଦ୍ରାରେ ଉତୁରି ଉତୁରି

ଆନନ୍ଦ ଉଛଳ କ୍ଷୀର ସମୁଦ୍ରରେ ମିଶେ ।।୧୭୪

ସ୍ୱର୍ଗୀୟ ମାନସେ ଦେଖିକି ବିସ୍ମିତ

ସ୍ୱର୍ଗ ଦେବକନ୍ୟା ଶୋଇଛି ଶିଳାରେ ହଜି।

ଲାଜ ମିଶା ହସ ଲାବଣ୍ୟ ଜୋଛନା

ଚନ୍ଦ୍ରମା ସୁନ୍ଦର ସ୍ତନ ଶୋଭା ଶୃଙ୍ଗରାଜି ।।୧୭୫

ସବୁଜ ସୁଷମା ପୁଷ୍ପହାସ କାନ୍ତି

ତରୁ ଲତା କୁଞ୍ଜେ ବନଲକ୍ଷ୍ମୀ ବନବିଭା ।

ଦିବ୍ୟ ମନୋହର କେଦାର ପ୍ରାନ୍ତର

ଆକାଶ ଅରଣ୍ୟ ଧରିତ୍ରୀ ବଦନ ଆଭା ।।୧୭୬

ପ୍ରୀତି ରସାଣିତ ନିତ୍ୟ କଲ୍ଲୋଳିତ

ଜୀବନ୍ତ ଭାସ୍ୱର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଶୋଭା ।

ଛାୟା ସ୍ନିଗ୍ଧ ଶ୍ୟାମ ସବୁଜ ଲାବଣ୍ୟ

ଝଳି କି ଉଛୁଳେ ସ୍ୱର୍ଗ ଶୋଭା ମନଲୋଭା ।।୧୭୭

ମାଳମାଳ ମଲ୍ଲୀ ଫୁଲ କି ଭାସୁଛି

ଶୁଭ୍ର ଜଳଧାରା ବେପଥୁ ରୋମାଂଚ ତୋଳି ।

ପ୍ରୀତି ମର୍ମରିତ ସ୍ୱର୍ଗୀୟ ସଙ୍ଗୀତ

ମଧୁର ଝଙ୍କାର ସ୍ୱରସୁଧା ସରପୁଳି ।।୧୭୮

ମୃଦୁଳ ହିଲ୍ଲୋଳ ଆନନ୍ଦ କଲ୍ଲୋଳ

ସ୍ନିଗ୍ଧ ସଲିଳ ଢଳଢଳ ପ୍ରୀତି ଧାରା

ମହାନନ୍ଦେ ଝରି ଝରିକି ପଡୁଛି

ସଙ୍ଗୀତ ମୁଖର ଶିଳାପଦ୍ମ ଶୈଳ ଝରା ।।୧୭୯

ଆନନ୍ଦ ଉନ୍ମନା ପ୍ରସନ୍ନ ବଦନା

ସାନଘାଗରା ର ଲାସ୍ୟମୟୀ ରୂପଛବି ।

ଅତୀବ ରୁଚିର ପ୍ରୀତ ମନୋହର

ଭୂମି ରେଣୁ ଭୂମା ଶୈଳ ସ୍ୱର୍ଗ ନୀଳ କବି ।।୧୮୦

ନୀଳ ତନ୍ଦ୍ରାରେ ତଲ୍ଲୀନ ବିଭୋର

ପରମ ତୃପ୍ତିରେ ଝରାଇ ଆନନ୍ଦ ଝର ।

କଳ କଲ୍ଲୋଳିତ ଛନ୍ଦାୟିତ ତନୁ

ତରଙ୍ଗ ଚର୍ଚ୍ଚିତ ଆନନ୍ଦ ମୁଖର ଚିର ।।୧୮୧

ସୁନ୍ଦରୀ ପ୍ରକୃତି ଶୋଭା ଗନ୍ତାଘର

ତରଳ କବିତା କାବ୍ୟ ରସ ସୁଧା ଧାର ।

ସୃଜନ ବିଳାସ ଅସମ୍ଭବ କଳା

କଳ୍ପନା ମାଧୁର୍ଯ୍ୟ ଆନନ୍ଦ ଅମୃତ ଝର ।।୧୮୨

ଶୃଙ୍ଗାର ସମୃଦ୍ଧ ଚିତ୍ରକାବ୍ୟ ପରି

ରସାଳ ସଙ୍ଗୀତ ରସପ୍ରୀତି ମହାକାବ୍ୟ ।

ସୁନ୍ଦର ମଧୁର ପବିତ୍ର ବର୍ଣ୍ଣନା

ପ୍ରଣୟ ପୀୟୁଷ ମାନବର ମହାଭାଗ୍ୟ ॥ ୧୮୩

ମଧୁର ମଧୁର ଦଧି ମଧୁ ଦ୍ରାକ୍ଷା

ମିଶ୍ରି ମଧୁର ମଧୁମୟ ମଧୁକାଳ ।

ଚିର ବନ୍ଦନୀୟା ଲାବଣ୍ୟ ମହିମା

ପ୍ରୀତିଲଗ୍ନା ରୂପ ଝୁରେ ମନ ଚିର କାଳ ॥ ୧୮୪

ଚିର ସୁମଧୁର ମଧୁମୟ ଝର

ସାନଘାଗରା ଏ ଆନନ୍ଦ କଲ୍ଲୋଳ କାବ୍ୟ ।

ସୂର୍ଯ୍ୟ ଚନ୍ଦ୍ର ତାରା ଅରଣ୍ୟ ଆକାଶ

ପଶୁପକ୍ଷୀ ପ୍ରାଣୀ ମନ ମୋହୁଛି କି ଭାଗ୍ୟ ॥ ୧୮୫

ଆକାଶଗଙ୍ଗା କି କ୍ଷୀର ସମୁଦ୍ର ଏ

ଶୁଭ୍ର ଶୁକ୍ଳ ଜହ୍ନ ମେଘର ସମ୍ଭାର ଶୋଭା।

ଅଣୁ ରୂପେ ମିଳି କରୁଛନ୍ତି କେଳି

ଗଙ୍ଗୋତ୍ରୀ ସୁଷମା ଭଳି ବଡ଼ ମନ ଲୋଭା ॥ ୧୮୬

ଶୋଭାମୟୀ ଶୋଭା ତେଜୋଦୀପ୍ତ ଆଭା

ଅତୀବ ରୁଚିର ପୀତି ରୁଚିକର ଦିଶେ ।

ଶ୍ୟାମ ଶୈଳ କାନ୍ତି ଇନ୍ଦ୍ରନୀଳ ଧାରା

ନିର୍ମଳ ନିସର୍ଗ ନୀଳ ସ୍ୱର୍ଗ ଦେଖି ହସେ ।। ୧୮୭

ଜୋଛନା ତରଳ ଶୀତଳ କୋମଳ

ଦୁଗ୍ଧ ସରୋବର ଫେନିଳ ଉଚ୍ଛ୍ୱାସ ଜଳ ।

ମନମୁଗ୍ଧ କର ରସାଳ ମନ କି

ଲାବଣ୍ୟ ଉଚ୍ଛୁଳା କୋଟୀ ପଦ୍ମ ପୁଷ୍ପ ଠୁଳ ।। ୧୮୮

କାଶ ହାସ୍ୟମୟୀ ସ୍ୱଚ୍ଛ ଲାସ୍ୟ ହସ

ସ୍ନିଗ୍ଧ ପରିବେଶ ରୂପ ସ୍ନିଗ୍ଧ ରୂପଯଶ ।

ନିର୍ମଳ ଶୋଭାରେ ଶୋଭିତ ପ୍ରକୃତି

ଦିଶେ ଉତ୍‌ଫୁଲ୍ଲିତ ଲଭି କି ଚନ୍ଦ୍ର ଉଲ୍ଲାସ ।।୧୮୯

ଆନନ୍ଦ ଝଙ୍କାର ଆନନ୍ଦ ଓଙ୍କାର

ଆନନ୍ଦ ଝଙ୍କୃତ ଆନନ୍ଦ ଉଛଳ ଜଳ ।

ଉତ୍କଳ କମଳା ବିଭବ ବିଳାସ

ଲାଗି ଏ ବିସ୍ମୟ ସୁଧାସ୍ନାତ ଶତଦଳ ।। ୧୯୦

ସ୍ନେହ ଛଳଛଳ ପ୍ରୀତି ଢଳଢଳ

ସରଳ ସ୍ନିଗ୍ଧ ଦେବ କନ୍ୟାର ଦେହ ।

ସୁଷମା ପୂରିତ ସଙ୍ଗୀତ ଝରା

ଶିଳାରେ ଶିଳାରେ ପ୍ରଣୟ ତୃଷାର ସୁଅ ।। ୧୯୧

ଚିର ବନ୍ଦିତ ପ୍ରୀତି ସ୍ପନ୍ଦିତ

ମେଘ ପୁଷ୍ପିତ ମେଘ ମହ୍ଲାର ଝରା ।

ଲାଜ ନୀଳ ତନୁ ଶୁଭ୍ର ମର୍ମର

ଝର୍ଝର ନିର୍ଝର ଧରା ଶ୍ରାବଣର ଧାରା ॥ ୧୯୨

ଦେଖିକି ବିମୁଗ୍ଧ ସ୍ନିଗ୍ଧ ସ୍ୱଚ୍ଛ ଜଳ

ଝରୁଚି ଝର୍ଝର ଦେଇ କି ଆନନ୍ଦେ ଲମ୍ଫ ।

ଭୀମ କାନ୍ତ ରୂପ ଲାବଣ୍ୟ ବିଭବ

ବୈଦୁର୍ଯ୍ୟ ଝଟକେ ପ୍ରୀତି ହୃଦେ ଥିରି କମ୍ପ ॥ ୧୯୩

ଶୋଭା ସ୍ୱର୍ଗଶାଳା ଅମୃତ କଳସ

ଲାସ୍ୟମୟୀ ପ୍ରୀତି ମହିମା ମହାର୍ଘ୍ୟ ଯଶ ।

ପ୍ରୀତି ରସାଣିତ ଚି□ରୋମାଂଚି□

ଆହ୍ଲାଦ ସର୍ବସ୍ୱ ଆହ୍ଲାଦିନୀ ରୂପବେଶ ॥ ୧୯୪

ବାରୁଣୀ ଗଗନେ ଗୌରବ ମଣ୍ଡିତା

ସୁବର୍ଣ୍ଣ ସବିତା ଝଟକେ ଅପୂର୍ବ ରସେ ।

ସ୍ୱର୍ଣ୍ଣିମ ରଶ୍ମିମ ସାୟନ୍ତନ ଶୋଭା

ଅପ୍‌ସରା ଭୁବନ ଧରିତ୍ରୀ ବଦନ ଦିଶେ ॥ ୧୯୫

ଅସ୍ତଗାମୀ ରବି ଲାବଣ୍ୟ ଐଶ୍ୱର୍ଯ୍ୟ

ଆରକ୍ତ ରଞ୍ଜିତ ଅସ୍ତରାଗ ସ୍ୱର୍ଣ୍ଣପ୍ରଭା ।

ମଣିମୟ ରତ୍ନ ରୂପ ବର୍ଣ୍ଣବିଭା

ବିପୁଳ ପୁଲକ ଲାଗେ ବଡ଼ ମନଲୋଭା ॥ ୧୯୬

ସ୍ୱର୍ଣ୍ଣିମ ଚିତ୍ରିତ ଦୂରବ୍ୟୋମ ମେଘ

ରମ୍ୟ ଚିତ୍ରପଟ ଚଉଦିଗେ ପ୍ରତିଭାତ ।

ସୁଷମା ସ୍ୱର୍ଗିକି ମାଧୁର୍ଯ୍ୟ ମଣ୍ଡିତ

ସୁଧାସ୍ରାବୀ ସୁର ମଙ୍ଗଳ ବିଦାୟ ଗୀତ ।। ୧୯୭

ଯୁଗଯୁଗ ଧରି ଦେଖିଛି ସେ କେତେ

ଉତ୍‌ଥାନ ପତନ ଭୁଲିନାହିଁ ଶାନ୍ତି ପ୍ରୀତି ।

ପୂର୍ବ ସୂରି ଯଶ ଗୌରବ ପୌରଷ

ସ୍ମରି ହୁଏ ଝୁରି ଚିରି ଇତିହାସ ଛାତି ।। ୧୯୮

ରୂପ ଯଶ ଲଭି ଯଶସ୍ୱିନୀ ହୃଦ

ହୋଇନି ତୃପତ କରୁଛି ସାଧନା ବସି ।

ଶାଶ୍ୱତ ସନ୍ଧାନେ ସାର୍ଥକ ଜୀବନ

ଶୁଭ କର୍ମ ଲାଗି କହୁଛି ସଭିଙ୍କୁ ହସି ।। ୧୯୯

ସୌନ୍ଦର୍ଯ୍ୟ ଚେତନା ଦିବ୍ୟ ପ୍ରେମ ଜ୍ୟୋତି

ପବିତ୍ର ଭାବନା ଶୁଦ୍ଧ ସ୍ୱଚ୍ଛ ପରିବେଶ ।

ଚିର ସମର୍ପିତ ତ୍ୟାଗପୂତ ପ୍ରାଣ

ବିଶ୍ୱହିତ ଲାଗି ପ୍ରଣୟ ପୀଯୂଷ ରସ ।। ୨୦୦

ଯେତେ ଝଡ଼ ଝଞ୍ଜା ଦୁଃଖ ଦୁର୍ବିପାକ

ବିଷାଦ କାଳିମା ଅଶ୍ରୁ ଅନଳ ତ୍ରାସ ।

ସବୁ ଭୁଲି କ୍ଷଣେ ଆଶା ପ୍ରୀତି ଶାନ୍ତି

ସଞ୍ଜୀବନୀ ସ୍ପର୍ଶ ହୃଦୟର ଅଭିଳାଷ ।। ୨୦୧

କେତେ ହିଂସା ଦଙ୍ଗା ଆତଙ୍କ ଯାତନା

ମହା ମହାଯୁଦ୍ଧ ଦେଖିଛି ମାନବ ଜାତି ।

ନିରୀହ ଶିଶୁର ପ୍ରାଣ ନାଶ ହେଲେ

ଅଶ୍ରୁ ଝରାଏ ମହାକାଳ ମଥା ପାତି ॥ ୨୦୨

ସ୍ପାନିସ୍ ସାଗର ବେଳାରେ ଦେଖିଛି

ଆୟଲାନ୍ ଶୋଇ ଚୁମୁଚି ଧରଣୀ କୋଳ।

ହେ ମାନବ କୁହ ହିଂସା ଆତଙ୍କ

ରକ୍ତ ପିପାସା ଛାଡ଼ିବାକୁ କେତେ କାଳ ॥ ୨୦୩

ଛାଡ଼ି ମୁଁ ଯାଉଛି ମର ଦେହ ମୋର

ସାଗର ସଲିଳ ମାଟିରେ ସମାଧିଦେଇ ।

ସୂର୍ଯ୍ୟ ଆଲୁଅ ପବନ କହିବ

କେଉଁ ଦୋଷ ଲାଗି ଧରଣୀରେ ସ୍ଥାନ ନାହିଁ ?॥ ୨୦୪

ହାୟ ହାୟ ତୁମ ଉନ୍ନତି ଶକତି

ଧରା କୋଳେ ଯଦି ନିରାପଦ ନୁହେଁ ଶିଶୁ ।

ବର୍ଷାଧାରା ହୋଇ ଆକାଶୁ ଖସିବି

ମାଟିରେ ମିଶିବି ଯେତେ ଯନ୍ତ୍ରଣା ଆସୁ ॥ ୨୦୫

ମାଟିର ଶିଶୁ ମୁଁ ମାଟି ମା କୋଳରେ

ଅଜୟ ଅମର ମହାକାଳ ହାତଧରି ।

ଛୋଟ ଛୋଟ ପାଦ ହାତ ହଲାଇ ମୁଁ

ବିଦାୟ ନେଉଛି ଶେଷ ନମସ୍କାର କରି ।।୨୦୬

ଆହେ ଯୁବକୁଳ ଏ ଜାତି ସମ୍ପଦ

ନବଯୁଗ ରବି ଉଦୟ ଉତ୍ସବ ଲାଗି ।

ଜାଗିଉଠ ଜାଗି ଉଠ ଜଡ଼ ତେଜି

ଝଡ଼ ପରି ନବ ସର୍ଜନାରେ କର୍ମଯୋଗୀ ।। ୨୦୭

# ପ୍ରୀତିଝରା

ପୁଷ୍ପିତା ପ୍ରକୃତି ପ୍ରୀତି ନୈବେଦ୍ୟ ରେ

ପ୍ରଣୟ ଉଛଳ ପ୍ରାଣମୟ ବନଭୂଇଁ ।

ସହଜେ ସୃଜନୀ ବୋଳିଛି ବିଭୋରେ

ସଲିଳ ଶୃଙ୍ଗାର ଅଶ୍ଳୀଳ ଇଲାକା ଛୁଇଁ ।। ୨୦୮

ଅନନ୍ତ ଯୌବନା ଆଖିରେ ଅନନ୍ତ

ଆକାଶର ନୀଳ ଲାବଣ୍ୟର ଶତଦଳ ।

ପ୍ରୀତି ରସାଣିତ ରୋମାଂଚିତ  ଚି□

ଚାହାଣି ରେ ଲୁବ୍ଧ ଲୋଭନୀୟ ନାରିକେଳ ।। ୨୦୯

ନିର୍ଲ୍ଲଜ ମୌସୁମୀ ପଶିଥିଲା ଧସି

ମନ ଗହନରେ ଗୋପନୀୟ ଅଙ୍ଗ ବାସେ ।

ଅଜଣା ଆହ୍ଲାଦ ଖେଳି ବୁଲୁଥିଲା

ସୂର୍ଯ୍ୟମୁଖୀ ଭଳି ସୂର୍ଯ୍ୟସ୍ନାତ ରଙ୍ଗ ରସେ  ।।୨୧୦

ସୁଷମା ସମ୍ଭାରେ ପୁଷ୍ପମୟ ବନ

ବୀଥିକା ଲତିକା ପିନ୍ଧି ସବୁଜିମା  ପାଟ ।

ଆଶାନ୍ୱିତ ଆଖି ଅଧରେ ଈପ୍‌ସିତା

ହୃଦୟର ଗୀତି ଲହରୀରେ ପ୍ରୀତି ପୁଟ ।। ୨୧୧

କାବ୍ୟମୟ ଭାବ  ରସଘନ ରବ

ରୋମାଂଚ ପୁଲକ ପ୍ରୀତିସ୍ନିଗ୍ଧ ସମର୍ପଣ ।

ପରମା ସୁନ୍ଦରୀ ନୃତ୍ୟ ମଗ୍ନ ପ୍ରାଣ

ନିବିଡ଼ ପ୍ରୀତିରେ ନିକ୍ୱଣ କର କଙ୍କଣ ।। ୨୧୨

ଅରୁଣ ଉଷାର ଉଦ୍ଭାସିତ ନୀଳ

ଲାବଣ୍ୟ ନାୟିକା ଅଧରେ ଲାଲିମା ଭରି ।

ପ୍ରାଚୀ ଗଗନରେ ଆଙ୍କିଥିଲା ସଦ୍ୟ

ଲାକ୍ଷାରଞ୍ଜ ପାଦ ପଲ୍ଲବେ ପଙ୍କଜ ଶିରୀ ।। ୨୧୩

ସ୍ୱପନ ପ୍ରବଣ ସଜଫୁଟା ଫୁଲ

ସୁଷମା ସୁରଭି ମାଟିର ଅତର ବୋଳି ।

ଚୁମ୍ବନ୍ତେ ଅନିଳ ଅର୍ଦ୍ଧସ୍ଫୁଟ ଭାବ

ନୀରବ ନିବିଡ଼ କାବ୍ୟମୟ କୋଳା କୋଳି ।। ୨୧୪

ସ୍ନେହ ସିକ୍ତାରରେ ଆସକ୍ତ ଇନ୍ଦ୍ରିୟ

ଅଣାୟତ ଚି□ମେଘ ମହ୍ଲାର ଶ୍ରବଣେ ।

ହୃଦୟ ସଲଗ୍ନ ସ୍ୱପ୍ନ କଳ୍ପନାରେ

ଅସମ୍ଭାଳ ପ୍ରାଣ ଉତ୍‌ଫୁଲ୍ଲିତ ଅନୁକ୍ଷଣେ ।। ୨୧୫

ବାସ୍ନାମୟ ତନୁ ମଧୁର ମଦିର

ସପନେ ବିଭୋର ମିଳନରେ ମଗ୍ନ ଚି

ଅଷ୍ଟମୀ ଆକାଶ ଜ୍ୟୋସ୍ନା ଜୁଆରେ

ମନ୍ଥିବାକୁ ପଶି ମୁକୁଳା ମେଘର କ୍ଷେତ ॥ ୨୧୬

ଜ୍ୟୋସ୍ନାସ୍ନାତ ଦୂର ଦିଗ୍‌ବଳୟ ତଳେ

ପ୍ରଗଲ୍‌ଭା ପ୍ରକୃତି ରଚିଥିଲା ଅଭିସାର ।

ସୁନିଳ ଚେତନା ସମର୍ପିତ ଭାବ

ମିଳନ ମୁଖର ମଧୁମୟ ରୂପାନ୍ତର ॥ ୨୧୭

ଦେଖି ଲଜ୍ଜାଶୀଳ ନଗ୍ନ ନୀଳଚନ୍ଦ୍ର

ନିଷିଦ୍ଧ ପ୍ରଣୟ ରତିମଗ୍ନା ଜାହ୍ନବୀର ।

ରାଜହଂସୀ ମେଳେ ମିଳନ ମୂର୍ଚ୍ଛନା

ଦୋଳାୟିତ ଦୀପ୍ତ ଋତୁପର୍ଣ୍ଣା ପୂର୍ଣ୍ଣିମାର ॥ ୨୧୮

ରଜତ ଜ୍ୟୋସ୍ନା ରେ ବନଭୂମି ନଦୀ

ଉପତ୍ୟକା ଖେଦି କ୍ରୀଡ଼ାରତ କୃଷ୍ଣସାର ।

ମଧୁମୟ ସୁଧା ସମ୍ଭୋଗ ଶୃଙ୍ଗାର

ପାନେ ଢଳଢଳ ପ୍ରିୟମ୍ବଦା ପୟୋଧର ॥ ୨୧୯

ନଗ୍ନ ନୀଳ ପଦ୍ମ ନିଷିଦ୍ଧ କାମନା

ବୋଳିଥିଲା ତନ୍ଦ୍ରା ଘନକୃଷ୍ଣ କଟାକ୍ଷରେ ।

ସ୍ୱତଃ ଉଦ୍ଭାସିତ ଦିଗନ୍ତ ଦୋଳିରେ

ଲୋଟିଥିଲା ନଗ୍ନ ଲାଜନୀଳ ଲାବଣ୍ୟରେ ।। ୨୨୦

ବାହୁ ବନ୍ଧନରେ ଘନ ଆଶ୍ଳେଷରେ

ରତ ପରସ୍ପର ଗଣ୍ଡଦେଶ ଚୁମ୍ବିବାରେ ।

ପକ୍ୱ ଆମ୍ର ଦେଖି ଲୋଭାନ୍ୱିତ ଆଖି

ଅଧରେ ଲୁଟନ୍ତେ ଆଦିମ ଉଲ୍ଲାସ ଭରେ ।। ୨୨୧

ଅଶାନ୍ତ ସମୁଦ୍ର ଶାନ୍ତ ସମାହିତ

ସୁପ୍ତ  ନିଶୀଥର ଅବୋଧ ସଙ୍ଗୀତ ସୁରେ ।

ସେନେହ ପ୍ରୀତିର ମମତା ବୀଥିର

ଅଶ୍ରୁ ଆନନ୍ଦରେ ଏକାକାର ଏକାନ୍ତରେ ।। ୨୨୨

ଶତଦଳ ଭଳି   ଶୁଭ୍ର ସମୁଜ୍ଜ୍ୱଳ

ସାନଘାଗରା ର ସଦ୍ୟସ୍ନାତ ରୂପରାଜି ।

ଦେଖିବାକୁ ଥରେ କବି ବଧୂ ସାଥେ

ଏକାନ୍ତ ନିଶୀଥେ ଜୋଛନାରେ ଭିଜି ଭିଜି ।। ୨୨୩

ମିଳନ ଆକୁଳ ବ୍ୟାକୁଳ ବନାନୀ

ମେଘମୁକ୍ତ ନୀଳ ଅମ୍ବରେ ଥିବ ଗ୍ରହିଁ ।

ଗୋପନ ପ୍ରୀତିର ମୁକୁଳା ମହକ

ଖେଳିବୁଲୁଥିବ ମାଟିରୁ ଆକାଶ ହୋଇ ।। ୨୨୪

ସ୍ୱପ୍ନ   କଳ୍ପନାରେ ତନ୍ଦ୍ରା ତମିସ୍ରାରେ

ଜ୍ୟୋସ୍ନାସ୍ନାତ ନୀଳ ଢଳିଥିବ ଲୁବ୍ଧ ହୋଇ ।

ଲୋଟିଥିବ ନଗ୍ନ ଶିଳାରେ ଶିଳାରେ

ଶିଳାକନ୍ୟାର ଚେତନାରେ ନୀଳ ହୋଇ ।।। ୨୨୫

ପ୍ରୀତିଲଗ୍ନା ପ୍ରୀତି ଅମୃତ ପରଶ

ଅଭୁଲା ସ୍ମୃତିର ରସଘନ ଅନୁଭବ ।

ଚିନ୍ମୟ ବାଙ୍ମୟ ସଙ୍ଗୀତ ଲହରୀ

ଆସେ ଝରିଝରି ରସକେଳି ରାସ ରବ । ।। ୨୨୬

ବିଭୋର ପ୍ରୀତିରେ ଶ୍ୱେତଭାନୁ ଧରା

ଦେଇଛି ତା କୋଳେ ଜୋଛନା ଖେଳୁଛି ଜଳେ ।

ଶୁଭ୍ର ଅଭ୍ର ଖଣ୍ଡ ଆସୁଛିକି ଭାସି

ତରଙ୍ଗ ତଲ୍ଲୀନ ତନ୍ଦ୍ରାଭୂତ ତୃପ୍ତ ବଳେ ।। ୨୨୭

କ୍ଷଣପ୍ରଭା କୋଟୀ କନ୍ଦର୍ପ ସୁଷମା

ଦେଇଛି କି ଯାଚି ଝଟକେ ହୀରକ ଜ୍ୟୋତି ।

ପାବନୀ ତଟିନୀ ଢାଳୁଛିକି ଜଳେ

ଆହ୍ଲାଦ କଲ୍ଲୋଳ ଲଭି ପ୍ରୀତିଲଗ୍ନା ପ୍ରୀତି ।। ୨୨୮

ଆନନ୍ଦ ଉଚ୍ଛଳ କ୍ଷୀର ଊର୍ମିମାଳୀ

ଐଶ୍ୱର୍ଯ୍ୟ ଲଭିକି ନୃତ୍ୟରତା ଲାସ୍ୟମୟୀ ।

ଧନ୍ୟ ବସୁନ୍ଧରା ଦେବ ବିକ□ନ

ତାର ରୂପଯଶ ସ୍ୱର୍ଗ ମ□ଗାଇ ଗାଇ ।। ୨୨୯

ସୁନ୍ଦରୀ ଶୈଳଜା ଇନ୍ଦ୍ର ନୀଳ ଶୋଭା

ସମ୍ଭୂତ ଅଦ୍ଭୁତ ଐଶ୍ୱର୍ଯ୍ୟ ଉଛୁଳା ତନୁ ।

ସୁଷମା ଶାଶ୍ୱତ ଅମୃତ ଅମୃତ

କାଦମ୍ବରୀ ପ୍ରୀତି ପୁଷ୍ପକେତୁ ପୁଷ୍ପଧନୁ ।। ୨୩୦

କମନୀୟ କଟୀ କଲ୍ଲୋଳ ଧାରାକି

ଆନନ୍ଦ ମୁଖର ମର୍ମର ନିର୍ଝର ଧ୍ୱନି ।

ଗ୍ୱରୁ ଚନ୍ଦ୍ରମୁଖୀ କୋଳେ ପାଳୁଛନ୍ତି

ମିଳନ ଉତ୍ସବ ସୁଧାକର ସୌଦାମିନୀ ।। ୨୩୧

ଚନ୍ଦ୍ରହାର ପରି ଉଜ୍ଜ୍ୱଳ ମଞ୍ଜୁଳ

ଐଶୀ ଉଚ୍ଛ୍ୱସିତ ପଦ୍ମମୟୀ ପଦ୍ମପ୍ରଭା ।

ପ୍ରଭାତୀ ଆକାଶୁ କାବ୍ୟତାରା ଖୋସି

ଖୁସିରେ ବିଭୋର ଅନିନ୍ଦ୍ୟ ସୁନ୍ଦର ଗଭା ।। ୨୩୨

ପ୍ରେମ ଅନୁରାଗ ବିରହ ବିରାଗ

ପ୍ରାଣଛଡ଼ା ପୀଡ଼ା ଘୋର ଦୁଃଖ ଅନୁଭବ ।

ନିର୍ମମ ଗ୍ରୀଷମ ବୁକୁଫଟା ତାତି

ଶେଷରେ ଦାରୁଣ ମେଘ ଘଡ଼ଘଡ଼ି ରବ ।। ୨୩୩

କିଏ ଜାଣିଥିଲା ପ୍ରଣୟ ବେଦନା

ଅସହ୍ୟ ଜ୍ୱଳନ ତରୁଣ ପ୍ରାଣ କୁ ଦହେ ।

ମିଳନ ଆକୁଳ ଆଶାରେ ବ୍ୟାକୁଳ

ପ୍ରିୟମ୍ବଦା ପ୍ରୀତି ପୁଲକ ପ୍ଲାବନ ବହେ ।।୨୩୪

ପ୍ରଣୟ ପ୍ରଣୟୀ ମୂର୍ଚ୍ଛିତ ପ୍ରାଣରେ

କାମନା କଦମ୍ବ ରୋମାଂଚ ବେପଥୁ ତୋଳେ ।

ରସସ୍ନିଗ୍ଧ ପ୍ରୀତି ସ୍ନେହ ଛଳଛଳ

ଅଶ୍ରୁ ଅଥଳ ସାନଘାଗରା ର ଜଳେ ।।୨୩୫

ବିରହୀ ପ୍ରିୟାର ସ୍ମୃତିରେ କାତର

ଝୁରି ମରେ ମନ ଦିବାନିଶି ନୀରବରେ ।

ବିଷାଦ ବିଛେଦ ଜୀବନ ଜୀଇଁବା

ଜାଣି ଅସମ୍ଭାଳ ରକ୍ତ ମାଂସ ହାଡ଼ ଥରେ ।।୨୩୬

ଦୁଃଖ ପରେ ସୁଖ ଆଶାର ଝଲକ

ମଧୁମାସ ହସେ ଋତୁ ଚକ୍ର ପଥେ ଘୂରି ।

ଅଭିମାନୀ ପ୍ରିୟା  ଛଟକ କି ଛାର

ମହାବାତ୍ୟା ମେଘ ଦେଖି ପଳାଇବ ଡରି ।। ୨୩୭

ମିଳନ ପ୍ରୟାସୀ ପ୍ରଣୟ ଜୋଛନା

ଆଶାର ଝରଣା ଚୁମ୍ବିବାକୁ ଭାସିଭାସି ।

ପ୍ରୀତି ପର୍ବ ଲାଗି ଆନନ୍ଦ ନିଳୟ

ସାନଘାଗରା ର ପ୍ରୀତିସ୍ନିଗ୍ଧ ଜଳରାଶି ।। ୨୩୮

ସୁଷମା ନିଳୟ ନାରୀ ତନୁଶ୍ରୀତା

କୃଷ୍ଣ କଜଳ ଆଖିରେ ଲାବଣ୍ୟ ଛବି ।

ରୂପଯଶ ପ୍ରୀତି ଗୌରବ ମହିମା

ଗାଉଛି ଧରିତ୍ରୀ ପ୍ରୀତିରେ ପାଲଟି କବି ॥ ୨୩୯

ସ୍ୱର୍ଗ ରାଜହଂସୀ ସାରସ ଯୁଗଳ

ମିଳନ ମୁଖର ସ୍ନାନ କେଳିରତ ଜଳେ ।

ଶୃଙ୍ଗାର ପ୍ରିୟ ରସିକ ପ୍ରାଣର

ସ୍ୱାଗତ ପୁଲକ ସ୍ନାୟୁରେ ସ୍ନାୟୁରେ ଖେଳେ ॥ ୨୪୦

କେତେ ଯେ ବିରହୀ ପ୍ରୀତପ୍ରାଣ ଲାଗି

ପାର୍ଥନା କରନ୍ତି ପ୍ରୀତି ସାଧନାରେ ମାତି ।

ପ୍ରୀତି ଆଶାକରି ପାଇବାକୁ ପ୍ରାଣେ

ଆର ଜନମରେ ଗାଆନ୍ତି ମିଳନ ଗୀତି ॥ ୨୪୧

ଏଇ ଜନମରେ ସରିନି ସାଧନା

ନୋହିଲେ କାହିଁକି ବିରହରେ ଝୁରିମରେ ।

ଲୁହ ବିନ୍ଦୁ ନୁହଁ ହୃଦ ସିନ୍ଧୁ ଇନ୍ଦୁ

ଲାବଣ୍ୟ ମୁକୁତା ଚୁମ୍ବଇ ଧରଣୀ ଧୀରେ ॥ ୨୪୨

ବିଧାତା ଦେଖୁଛି ଅଶ୍ରୁ ଛଳଛଳ

ହୃଦୟ ସାଉଁଟା ଆଲିଙ୍ଗନ ଅନୁରାଗ

କଲ୍ୟାଣୀୟା ପ୍ରୀତି ସୁଖ ଅନୁଭବ

କଲ୍ଲୋଳ ହିଲ୍ଲୋଳ କାଳଜୟୀ ଯୁଗଯୁଗ ॥ ୨୪୩

ସହିଛି ବହିଛି ଦାରୁଣ ଯାତନା

ସହକର୍ମୀ ନିନ୍ଦା ହାରିନି ଜୀବନ ପଥେ।

ବନ୍ଦନା କରେ ଚରଣ ତାହାର

ଦୁଃଖେ ସୁଖେ ସଦା ଗ୍ଲିବାକୁ ତାର ସାଥେ।। ୨୪୪

ଦୟାକର କ୍ଷମା କର ଯେ ଲେଖୁଛି

ଶୁଭ ମନାସିଛି ଚଲାପଥେ ଫୁଲ ରଖି ।

ଝଡ଼ ଝଞ୍ଜା ସହି ନୀରବେ କାନ୍ଦିଛି

ମହାକାଳ ସାକ୍ଷୀ ପ୍ରଣାମ ହେ ପ୍ରାଣସଖୀ ।। ୨୪୫

ବିଷାଦ କାଳିମା ବୋଲି କି ଉଜ୍ଜ୍ୱଳ

ଗ୍ଳରୁ ଗ୍ଳନ୍ଦ ମୁହଁ ଶ୍ୟାମ ସ୍ୱର୍ଣ୍ଣ ରୂପବିଭା ।

କାବ୍ୟ ଯଶୋଦେହୀ ତନୁଶ୍ରୀ ଲାବଣ୍ୟ

ଚିର ବନ୍ଦନୀୟା ହୃଦ ଜିଣି ମନଲୋଭା ।। ୨୪୬

ମଧୁ ଜ୍ୟୋସ୍ନା ଆଖି ଓଠ ତଳେ ଦୁଇ

କୋଣାର୍କ କଳସ ପୁଷ୍ପିତ କଦମ୍ବ କାନ୍ତି ।

ଐଶ୍ୱର୍ଯ୍ୟା ସୁନ୍ଦରୀ ସ୍ୱର୍ଗ ଅପ୍ସରା

ରୂପାମ୍ବିକା ରୂପ ଅନୁଭବ ଅସରନ୍ତି ।। ୨୪୭

ମୁଗ୍ଧ ମାନସେ ସୁବର୍ଣ୍ଣ ସାରସ

ହିରଣ୍ମୟ ଆକାଶ ସୁରମ୍ୟ ସ୍ୱର୍ଣ୍ଣିମ ରୂପ ।

ସ୍ନେହ ଛଳଛଳ ପ୍ରୀତି ଢଳଢଳ

ଆକାଶ ଗଙ୍ଗାରେ ଆଲୋକିତ ଘୃତ ଦୀପ ।। ୨୪୮

ଧନ୍ୟ କଲ୍ୟାଣୀୟା କରୁଣା କଲ୍ଲୋଳ

କାଳଜୟୀ କବି ପ୍ରତିଭା ଫୁଟିଛି ଜାଣେ ।

ଜନମେ ଜନମେ ଚିରରଣୀ ଲଭି

ଲାବଣ୍ୟ ବୈଦୁର୍ଯ୍ୟ ଐଶ୍ଵର୍ଯ୍ୟ ପ୍ରୀତିକୁ ପ୍ରାଣେ ।। ୨୪୯

ସୂର୍ଯ୍ୟସ୍ନାତ ସଦ୍ୟ ପଦ୍ମ ଫୁଲ ଫୁଟା

ନୀଳ ଶୈଳ ସ୍ଵର୍ଣ୍ଣ ଲାବଣ୍ୟ ପାଖୁଡ଼ା ଦେହ

ହୃଦୟ ମନ୍ଦିରେ ପୂଜୁଥାଏ ହୋଇ

ଜହ୍ନ ତାରା ମେଘ ଜଳଧାରା ମହୀରୁହ ।। ୨୫୦

ନୀଳ ଚେତନାର ନୀଳ ପାରିଜାତ

ନୀଳାଭ ଦ୍ୟୁତିରେ ଫିକାଫିକା ନୀଳଜହ୍ନ ।

ରମ୍ୟ ଶୁକ୍ଳ ଶୁଭ୍ର ରଜତ ହୀରକ

ଜୋଛନା ଖେଳୁଛି ଦେଖିକି ମନ ଉଚ୍ଛନ୍ନ ।।୨୫୧

## ମହିମାଝରା

ଅନିନ୍ଦ୍ୟ ରୂପସୀ ପ୍ରକୃତି ରାଣୀର

ରୂପ ଗନ୍ତାଘର ଶୈବତୀର୍ଥ କେଉଁଝର ।

ମହା ମୃତ୍ୟୁଞ୍ଜୟ ଶୈବ ମନ୍ତ୍ରମୟ

ସୁଗନ୍ଧିତ ଚମ୍ପା ଭୂମି ଚିର ଶୁଭଙ୍କର ।। ୨୫୨

ଶୁଦ୍ଧ ପୂତ ପ୍ରୀତ ପ୍ରକୃତି କନ୍ଦରେ

ଗୋନାସିକା ଠାରେ ଆଦିଲିଙ୍ଗ ବ୍ରହ୍ମେଶ୍ଵର ।

ଗଙ୍ଗାଠୁ ପ୍ରାଚୀନ କ-ଇନ୍ଦୁ-ଝର

ବୈତରଣୀ କୂଳେ ପ୍ରଭୁ ଆଖଣ୍ଡଳେଶ୍ୱର ।। ୨୫୩

ରୁଦ୍ର ଆମୋଦିତ ମହକ ମାଦକ

ଶ୍ୱେତ ପୀତ ଚମ୍ପା ସୁଗନ୍ଧ ପୃଷ୍ଟି ବର୍ଦ୍ଧନ ।

ମନୋଜ ମଞ୍ଜୁଳ ବୈଚିତ୍ରପ୍ରକୃତି

ଶୋଭା ସିନ୍ଧୁ ରାଜି ଆନନ୍ଦ ଘନ ଜୀବନ ।। ୨୫୪

ବନ୍ୟ ରୂପବିଭା ଲାବଣ୍ୟ ଚହଟା

ତଟିନୀ ଝରଣା ଘଂଚ ଶାଳବଣ ତୋଟା ।

ଶ୍ୟାମ ସ୍ୱର୍ଣ୍ଣ ଭୂମି ବୈଦୁର୍ଯ୍ୟ ବିଭବ

ଖଣିଜ ସମ୍ପଦ ଭରା ବନବୃକ୍ଷ ଲଟା ।। ୨୫୫

ପୁଣ୍ୟ ଗିରି ନଦୀ ପୁଣ୍ୟ ବନ ଭୂମି

ପୁଣ୍ୟ ଦେବାଳୟ ଶୈବ ଶାକ୍ତ ପୁଣ୍ୟ ପୀଠ ।

ମୁଗ୍ଧ ଆମୋଦିତ ସମୀର ସଲିଳ

ମାଟିଠୁ ଆକାଶ ମତୁଆଲା ଚମ୍ପାହାଟ ।। ୨୫୬

ଚମ୍ପକ ବରଣୀ କେଉଁଝର ରାଣୀ

ଉତ୍କଳ କମଳା ପ୍ରୀତି ଲଭି ପୁଣ୍ୟ ପ୍ରାଣ ।

ନୈସର୍ଗିକ ଶୋଭା ସୁଷମା ପ୍ରାଚୁର୍ଯ୍ୟ

ଭୂମି ରେଣୁ ଭୂମା କରୁଣା କଲ୍ଲୋଳ କଣ ।। ୨୫୭

ଶିଳାରେ ଶିଳାରେ ତନ୍ଦ୍ରାଶୀତଳ

ମନ୍ଦ୍ର ମଧୁର ମୋହନ ସଙ୍ଗୀତ ସ୍ୱର ।

ଆନନ୍ଦ ହିଲ୍ଲୋଳ ମଳୟ ମାଧୁରୀ

ମଧୁମୟ ପ୍ରାଣ ଲଭି ମଧୁ ପ୍ରୀତି ତାର ॥ ୨୫୮

ଘୋର ଦୁଃଖ ଭାର ଲାଘବ ହୁଅଇ

ଅଚିରେ ଲଭି ତା କୋମଳ ପଥର କୋଳ ।

ଶୀତଳ ମଧୁର ମଧୁମନ୍ଦ୍ର ଛାୟା

ଛବିଳ ମୋହନ ମୃଦୁଳ କଲ୍ଲୋଳ ଜଳ ॥ ୨୫୯

ତରଙ୍ଗେ ତରଙ୍ଗେ ପ୍ରଣୟ ମୂର୍ଚ୍ଛନା

ମନୋମୁଗ୍ଧକର ପ୍ରୀତିଲଗ୍ନା ଆଖି ମୁହଁ ।

କନକ ଶ୍ୟାମଳ ଅଙ୍ଗରେ ସୁଷମା

ଲାବଣ୍ୟ ଚନ୍ଦନ ବାସ୍ନାମୟ ମହମହ ॥ ୨୬୦

ତା ହୃଦ ଦୁଃଖରେ ଛାତି ଯାଏ ଫାଟି

ଅସରା ଲୁହରେ ଶୋକ ସମୁଦ୍ରରେ ଭାସେ ।

ଦୁର୍ବାର ଯୌବନ ପ୍ରାଣରେ ବିସ୍ମୟ

ପ୍ରୀତି ଅନୁଭବ ବିହ୍ୱଳ ଆନନ୍ଦ ରସେ ॥ ୨୬୧

ରସ କଲ୍ଲୋଳଏ ସୁଧା କଲ୍ଲୋଳଏ

ମଳୟ ହିଲ୍ଲୋଳ ତନ୍ଦ୍ରା ତରଳ ନୀଳ ।

ମାୟା ସଂସାରର ଗରଳ ପିଇଯେ

ବରଷେ ଆକାଶେ ହୋଇ ମେଘ ମାଳମାଳ ॥ ୨୬୨

ସଖୀ ପାଶେ ବସି କେତେ ଦଃଖ ସୁଖ

ଅମୃତ କଳ୍ପନା ଆଶାର ଅରୁଣ ରବି ।

ଲାବଣ୍ୟ ହଳଦୀ ଚହଟା ତନୁ ତା

ପ୍ରୀତି ପୂଣ୍ୟତୀର୍ଥ ମୁଗ୍ଧ ମୋହିତ କବି ।। ୨୬୩

ସା- ରେ- ଗା- ମା ସୁର ରାଗମଣି ଗା-ନି

କୋକିଳ ସୁର କି ସୁଧାସ୍ରାବୀ ସୁରରାଜା ।

ଆଲୋକିତ କ୍ଷଣେ ଚେତନା ଆକାଶ

ଆକାଶ ଗଙ୍ଗା କି ସରଗେ ହୋଇଛି ସଜା ।। ୨୬୪

ମନ୍ଦ୍ର ମଧୁର ବୀଣାଜିଣା ସୁର

ଅମୃତ ପରଶ ପ୍ରୀତିର ଝରଣା ଝର ।

ତନୁ ମନ ବନ ଭୁବନ ଆକାଶ

ରୋମାଂଚ ପୁଲକ ମଉସୁମୀ ମଧୁ ଧାର ।। ୨୬୫

ମୁଗ୍ଧ  ଢଳଢଳ ତନୁ ପଦ୍ମ ଶୋଭା

ପୀୟୁଷ ପସରା ଅସରା ଆନନ୍ଦ ରସ ।

ଅପୂର୍ବ ଚନ୍ଦ୍ରମା ଆସୁଛିକି ଉଇଁ

ମେଂଟିବାକୁ ତାରରୂପ ତୃଷ୍ଣା ରୂପ ଶୋଷ ।। ୨୬୬

ବିଭୁ କୃପା ଲାଗି କରୁଣା କମ୍ପିତ

ବିଷାଦ ନୟନ ଅମୃତ ଝରା ରୂପ ।

ଲାବଣ୍ୟ ପୁଷ୍ପିତ ଆନନ୍ଦ ଲହରୀ

ଖେଳୁଥାଏ  ସଦା ଅପ୍ସରା ଅପରୂପ ।। ୨୬୭

ପୁଣ୍ୟଶ୍ରୀ ଭାରତେ ପଦ୍ମଶ୍ରୀ ଉତ୍କଳ

ପୁଣ୍ୟତୀର୍ଥ ତାର ମାଟି ଗୋଡ଼ି ନଦୀ ଗିରି ।

କେତେ ଜ୍ଞାନୀଗୁଣୀ ସାଧକ ତପସ୍ୱୀ

ମୁନିଋଷି ସିଦ୍ଧି ଲଭିଲେ ସାଧନା କରି ॥ ୨୬୮

କେଉଁଝର ଗଡ଼େ ପୂଜା ପାଉଛନ୍ତି

ସିଦ୍ଧ ଜଗନ୍ନାଥ ସିଦ୍ଧକାଳୀ ପଂଚବଟୀ ।

ରାବଣଛାୟା ରେ ସୀତାବଞ୍ଜୀ ପୁରେ

ଅରଣ୍ୟ ସୁଷମା ଦେଇଛି ପ୍ରକୃତି ଭେଟି ॥ ୨୬୯

ଅରଣ୍ୟ ସୁଷମା ନୈସର୍ଗିକ ଶୋଭା

ସମ୍ପଦ ସମୃଦ୍ଧ ଶୈବପ୍ରାଣ କେଉଁଝର ।

ଶାବର ଭୂମି ଏ ବ୍ରାତ୍ୟ ସଭ୍ୟତାର

ତନ୍ତ୍ର ମନ୍ତ୍ର ପୀଠ ଭୈରବ ଗୌରବ ଯାର ॥ ୨୭୦

ଶିବ ଶକ୍ତି ଖ୍ୟାତି ଭଞ୍ଜବୀର କୀ[illegible]

ଗାଏ ଦିବା ନିଶୀ ପୁଣ୍ୟତୋୟା ବୈତରଣୀ ।

ଉତ୍କଳବାସୀ ଙ୍କୁ ସୁଖେ ଦୁଃଖେ ସଦା

ସାହା ହୋଇଛନ୍ତି ମାଆ ଘଟ ଗାଁ ତାରିଣୀ ॥ ୨୭୧

ଶୈବ କୃପାମୟ ଦିବ୍ୟ ମଧୁମୟ

ଜନପଦ ଗ୍ରାମ ଭୁବନ ଜୀବନ ଧନ୍ୟ ।

ଦେବ ଶଙ୍କର୍ଷଣ ପୂଜାରେ ନିମଗ୍ନ

ପୁର ନର ନାରୀ ଲଭି ଶାନ୍ତି ପ୍ରୀତି ପୁଣ୍ୟ ।।। ୨୭୨

ଧନ୍ୟ କେଉଁଝର ଜାହୋର ରାଇଜ

ଜହରାଇ ଷଣ୍ଢା  ପାହାଡ଼ ପ୍ରସିଦ୍ଧ ନାମ ।

ରାଜା ଶାନ୍ତିଭଞ୍ଜ ଶାନ୍ତିରକ୍ଷିତ

ଶାନ୍ତିପା ନାମରେ ସନ୍ଥେଇ ଭଞ୍ଜ ସୁନାମ ।। ୨୭୩

ପ୍ରସିଦ୍ଧି ଲଭିଲେ ଭୁସ୍‌ପଣ୍ଡିତ ଗୁରୁ

ଭୁସୁକ୍‌ପାଦ ସେ ବନ୍ଦନୀୟ ତାଙ୍କ ପାଦ ।

ନାଳନ୍ଦା ନଗରେ ସିଦ୍ଧ ବୌଦ୍ଧ ସାଧୁ

ମହାଜ୍ଞାନୀ ଗୁଣୀ ସର୍ବବିଦ୍ୟା ବିଶାରଦ  ।।୨୭୪

ମଗଧ ରାଇଜ ଦକ୍ଷ ସେନାପତି

ଅଚଳସେନ ସେ ସିଦ୍ଧାଚାର୍ଯ୍ୟ ନାମ ଯଶ ।

ପୂଜ୍ୟ ବୌଦ୍ଧଗୁରୁ ମଞ୍ଜୁବ୍ରଜ ଶିଷ୍ୟ

ପଦ୍ମସମ୍ଭବଙ୍କ ଶ୍ୟାଳକ ମହିମା ଘୋଷ ।। ୨୭୫

ବଜ୍ରଯାନ ଶାଖା ପ୍ରସିଦ୍ଧ ତାର୍କିକ

ବୌଦ୍ଧଗ୍ରନ୍ଥ ସୃଜି ଅମର ବିଶ୍ୱ ବିଖ୍ୟାତ ।

ତିବ୍ବତ  ଦେଶରୁ ହିମାଳୟ ବୁଲି

ବହୁ ଗୋମ୍ପା ମଠ ଗଢ଼ି ସର୍ବତ୍ର ପୂଜିତ ।। ୨୭୬

କିମ୍ବଦନ୍ତୀ ମୁଖେ ସୁନ୍ଦର ଐତିହ୍ୟ

ଗୌରବ  କୀରତି ସିତାବଞ୍ଜୀ ପୁଣ୍ୟ ସ୍ଥଳ ।

ସୀତା ନାମ ବହି ଯଶସ୍ୱିନୀ ସେହି

ଲବ କୁଶ ଜନ୍ମ ଲାଗି ଧନ୍ୟ ଚିରକାଳ ।।୨୭୭

ମହାତପ ବଳେ ମରାମରା  ମନ୍ତ୍ର

ଜପି ହେଲେ ସିଦ୍ଧ ଦସ୍ୟୁରତ୍ନ ରତ୍ନାକର ।

ମହର୍ଷି ବାଲ୍ମୀକି ଋଷିକବି ଖ୍ୟାତି

ଗୌରବ ପ୍ରଶସ୍ତି ଗାଏ ରାମାୟଣ ଚିର ।। ୨୭୮

ଆଚମ୍ବିତ ଲାଗେ ବିଶ୍ୱ ବ୍ରହ୍ମାଣ୍ଡରେ

ଭାରତ ଭୂଖଣ୍ଡେ ମାନବ ଦେବତା ରାଜା ।

ମୁକ୍ତି ମୋକ୍ଷ ସୁଖ ସମୃଦ୍ଧି ଆଶାରେ

ଈଶ୍ୱର ଈଶ୍ୱରୀ ଲିଙ୍ଗ ପୂଜା ଯୋନୀ ପୂଜା ।। ୨୭୯

ଶକ୍ତି ଉପାସନା ପ୍ରୀତି ଉପାସନା

ଅପୂର୍ବ ଲାଗୁଛି ଐହିକ ତନୁରେ ଏତେ ।

ଓଁଙ୍କାର ବ୍ରହ୍ମର ଅମୃତ ବିନ୍ଦୁଏ

ସ୍ୱର୍ଗ ଅନୁଭବ ବୈକୁଣ୍ଠ କୈଳାସ ସତେ ।। ୨୮୦

ପଂଚଭୂତେ ଗଢ଼ା ଏ ମର ଶରୀର

ଖଞ୍ଜିଛି ପ୍ରକୃତି ସତ୍ୱ ରଜ ତମଃ ଗୁଣ ।

ଆତ୍ମା ପରମାତ୍ମା ପ୍ରୀତି ଅନୁଭବ

ଯୋଗ ସାଧନାର ଗୂଢ଼ ସତ୍ୟ ମୁକ୍ତି ପ୍ରାଣ  ।। ୨୮୧

ସୁନ୍ଦର ମଙ୍ଗଳ ଶୁଭ ପରିଣୟ

ମିଳନ ପର୍ବରେ ଈଶ୍ୱର ପାର୍ବତୀ ପ୍ରୀତି ।

ଐଶ୍ୱର୍ଯ୍ୟ ପୀୟୁଷ ପାନେ ଆତ୍ମହରା

ପ୍ରଣୟୀ ଯୁଗଳ କରୁଣାର ମହାକୀ□ ॥ ୨୮୨

ରତି ବିଳାସରେ କାମ କୈଳାସରେ

ଦେଖୁଥିଲେ ବୁଲି ତୁଷାର ସୁଷମା ଶୃଙ୍ଗ ।

ଚମ୍ପକ ବରଣୀ କେଉଁଝର ରାଣୀ

ରୂପ ଐଶ୍ୱର୍ଯ୍ୟରେ ବିଭୋର ପ୍ରୀତିର ରଙ୍ଗ ॥ ୨୮୩

ହସୁଥିଲା ବନ ଝରଣା ଆକାଶ

ବସନ୍ତ ବିଭବେ ବିଭୁଷିତ ପୁଷ୍ପ ଅଙ୍ଗେ ।

ବୈତରଣୀ କୂଳେ କେଳି କୌତୁକରେ

ମାତିଥିଲେ  ମହା ଆନନ୍ଦ ଐଶ୍ୱର୍ଯ୍ୟ ରଙ୍ଗେ ॥ ୨୮୪

ସାନଘାଗରାର ମଧୁ ଜ୍ୟୋସ୍ନା ହସ

ମଧୁପ୍ରୀତି ରାସ ବିଭୋର ପ୍ରାଣର ଗୀତି ।

ଲଳିତ ମୂର୍ଚ୍ଛନା ଅମୃତ ରାଗରେ

ଅମ୍ବରୀଷ ଉମା ମିଳନ ମହିମା ପ୍ରୀତି ॥ ୨୮୫

ଢଳଢଳ ନୀଳ ଆକାଶେ ଜୋଛନା

ଢାଳୁଥିଲା  ଶଶୀ ପ୍ରଣୟ ପ୍ରମ□   ନିଶୀ ।

ଝରୁଥିଲା ସ୍ନିଗ୍ଧ ଲାବଣ୍ୟ ଆଲୋକ

ତାରାପୁଞ୍ଜ ମେଳେ ନୀଳ ଚେତନାରେ ଭାସି ॥୨୮୬

କେଳି ବନ୍ଧ କଳା ରମଣ ନିପୁଣ

ସ୍ୱପ୍ନ କଳ୍ପନାରେ ତନ୍ଦ୍ରା ତିମିର ନୀଳ ।

ଘନ ଆଲିଙ୍ଗନ ଓଠରେ ଚୁମ୍ବନ

ଚୁମ୍ବି ଚୁମ୍ବି ଯାଏ କୃଷ୍ଣ ଅରୁଣ କୋଳ ।। ୨୮୭

ଉତ୍କଳ ଐଶ୍ୱର୍ଯ୍ୟା ଭୂସ୍ୱର୍ଗ ଚିଲିକା

ବ୍ରହ୍ମାଣ୍ଡ ସୁନ୍ଦରୀ ସ୍ୱର୍ଗ ସୁଷମା ଯା ଶୋଭା ।

ଅନିନ୍ଦ୍ୟ ରୂପସୀ ରୂପ ମନୋଲୋଭା

ଦିବ୍ୟ ଢଳଢଳ ନୀଳ ସ୍ୱର୍ଗ ନୀଳବିଭା ।। ୨୮୮

ବିଶ୍ୱ ମନୋରମା ବିଶ୍ୱ ବିମୋହିନୀ

ନାନ୍ଦନିକ ରୂପ ଐଶ୍ୱର୍ଯ୍ୟ ଆନନ୍ଦ କାବ୍ୟ ।

ପୁଣ୍ୟ ପ୍ରାଚୀପଦ୍ମା ପଦ୍ମଗନ୍ଧା ସଖୀ

ନାମ ଯଶ କୀ□ ଅପାର ମହିମା ଭାଗ୍ୟ ।। ୨୮୯

ସେ ରୂପ ସୁଷମା ପ୍ରାଚୁର୍ଯ୍ୟ ପୀୟୁଷ

ପାନେ ତନ୍ଦ୍ରାଳସ ମହାକବି ମହେଶ୍ୱର ।

ଐଶ୍ୱର୍ଯ୍ୟ ଉଜ୍ଜ୍ୱଳ ଦିବ୍ୟ ନୀଳ ଜଳ

ସୁଧା ଢଳଢଳ ଆନନ୍ଦ ଭାସ୍ୱର ଚିର ।। ୨୯୦

ଦେଖୁଥିଲେ କବି ଭାବୁକ ପ୍ରେମିକ

ଅପଲକ ନେତ୍ରେ ଅପୂର୍ବ ପୁଲକ ରବି ।

ଦ୍ୱିତୀୟ ବୈକୁଣ୍ଠ ନୀଳ ସ୍ୱର୍ଗଲୋକ

ଅଦ୍ୱିତୀୟ ଶୋଭା ଐଶ୍ୱର୍ଯ୍ୟ ଝଲକ ଛବି ।। ୨ ୯ ୧

ମହାପୁଣ୍ୟ ପ୍ରୀତି ଗୀତି ଗୁଞ୍ଜନରେ

ନୀଳ ଉର୍ମିମାଳା ପ୍ରଣୟ ଉଚ୍ଛଳ କ୍ଷଣେ ।

ନୃତ୍ୟ ଗୀତ ରତ ଆକାଶ ପୃଥିବୀ

ପରମା ସୁନ୍ଦରୀ ପ୍ରୀତି ଲଭି ଧନ୍ୟ ପ୍ରାଣେ ।।୨ ୯ ୨

ସରସ ପ୍ରୀତିର ମୁଗ୍ଧ ରୂପଛବି

ଦେଖୁଦେଖୁ କବି କବିତା ଉଚ୍ଛଳ ଜଳ ।

ନୀଳ ସୁନ୍ଦରୀର ସ୍ନିଗ୍ଧ ନୀଳ କାନ୍ତି

ନୀଳକାବ୍ୟ ଶୋଭା ନୀଳଚନ୍ଦ୍ର ଜ୍ୟୋତ୍ସ୍ନା ନୀଳ ।। ୨ ୯ ୩

ସୌମ୍ୟା ସୁହାସିନୀ ତରଙ୍ଗେ ତନୁଶ୍ରୀ

ନୃତ୍ୟାଙ୍ଗନା ମେଳେ ନୀଳ ସ୍ୱପ୍ନ ବୁଣି ହସେ ।

ଆଷାଢ଼ ଶ୍ରାବଣ ବର୍ଷାଧାରା ପରି

ନୀଳ ଫୁଲଝରି ଆନନ୍ଦ ପ୍ରୀତିରେ ଭାସେ ।। ୨ ୯ ୪

ପ୍ରୀତିର ସନ୍ଦେଶ ପ୍ରୀତି ପୁଣ୍ୟ ଯଶ

ଗାଉଛି ବିଭୋରେ ପ୍ରୀତି ସ୍ୱର୍ଗ ଧରା ଲାଗି ।

ନିର୍ମଳ ସୁନ୍ଦର ନୀଳ ଜ୍ୟୋତ୍ସ୍ନା ଧାରା

ଢାଳୁଛି ଖେଳି କି ଦେଖି ମନ୍ତ୍ରମୁଗ୍ଧ କବି ।। ୨ ୯ ୫

ନିତ୍ୟ ସ୍ମରି ଝୁରି ଧନ୍ୟ ଆତ୍ମା ରାମ

ଶବ୍ଦ ବ୍ରହ୍ମ ହରି ମହାଶବ୍ଦ ମହାମନ୍ତ୍ର ।

ପୁଣ୍ୟ ପ୍ରଭାଗାନୀ ପଦ୍ମା ସ୍ନିଗ୍ଧା ସ୍ୱର୍ଣ୍ଣା

ସ୍ୱର୍ଗସୁଖ ଦାୟୀ  ଅହିଂସାର ସିଦ୍ଧି ତନ୍ତ୍ର ।। ୨ ୯ ୬

ଶବ୍ଦ ମହିମା ଏ ସଦା ଦୁଃଖ ହାରି

ମରାମରା ରାମ ମାୟାହରି ସିଦ୍ଧିଦାୟୀ ।

ମହାଶକ୍ତି ଶବ୍ଦ ପ୍ରଭାପୁଞ୍ଜ ଜ୍ୟୋତ୍ସ୍ନା

ନାମଶବ୍ଦ ସୁଧା ପାନେ ପ୍ରାଣ ମୃତ୍ୟୁଞ୍ଜୟୀ ।।୨ ୯ ୭

## ମହିମାମୟ ଶ୍ରୀଧବଳେଶ୍ୱର

ଆହା କି ସୁନ୍ଦର ମହାନଦୀ ତୀର

ଗ୍ୱରୁ ଚି□ଣାଳା ସ୍ୱର୍ଗୀୟ ଶୋଭା ଭଣ୍ଡାର ।

ଶୋଭା ବିଳାସିନୀ ସୌମ୍ୟା ସୁହାସିନୀ

ଚିର ସୁନ୍ଦରୀ ଏ ନାହିଁ ତାର ପଟାନ୍ତର ।। ୨ ୯ ୮

ପରମା ପ୍ରକୃତି ପ୍ରୀତି ଐଶ୍ୱର୍ଯ୍ୟରେ

ବିମୋହିତ କବି ଦର୍ଶନେ ଧବଳେଶ୍ୱର ।

ଅର୍ଦ୍ଧାଙ୍ଗ ଈଶ୍ୱର ଅର୍ଦ୍ଧାଙ୍ଗ ପାର୍ବତୀ

ପ୍ରାଚୀ ପ୍ରାଚେତସୀ ସୁରମ୍ୟ ଦିବ୍ୟ ଭାସ୍ୱର ।। ୨ ୯ ୯

ଘନ ବନ ଲତା ସବୁଜିମା ଶୋଭା

ଲାବଣ୍ୟ ସୁଷମା ଐଶ୍ୱର୍ଯ୍ୟ ମେଖଳା ତନୁ ।

ପତ୍ର ପୁଷ୍ପ ବେଶ ବୀଥିକା ସମ୍ଭାର

ଶୋଭ ପଟୁଆର ଚିର ଅପାଶୋରା ମନୁ ।। ୩୦୦

ଅତୁଳ ସୁଷମା ହୋଇଛି କି ଠୁଳ

ଢଳଢଳ ନୀଳ ସ୍ୱର୍ଗୀୟ ଲାବଣ୍ୟ ଛବି ।

ସ୍ୱର୍ଗ ଚିତ୍ରଶିଳ୍ପୀ ବୋଳିଛି କି ରଙ୍ଗ

ସ୍ୱପ୍ନ କଳ୍ପନାରେ ଇନ୍ଦ୍ରପୁରୀ ଶୋଭା ଭାବି ॥ ୩୦୧

ଦିବ୍ୟ ଦିବ୍ୟ ଦୃଶ୍ୟ ଧରିତ୍ରୀ ଆକାଶ

ଆତ୍ମହରା ଦେଖି ପ୍ରାଚୁର୍ଯ୍ୟ ପ୍ରକାଶ ପ୍ରଭା ।

ମହକ ବିଂଚୁଛି ମହକ ବୁଣୁଛି

ମହକ ବାଂଟୁଛି ମହିମା ଗୌରବ ଶୋଭା ॥ ୩୦୨

ମନ୍ଦ ମନ୍ଦ ମୃଦୁ ସମୀର ବିଭୋର

ସୁଷମା ସୁବାସ ସବୁଜ ସମ୍ଭାର ସ୍ୱର୍ଣ୍ଣ ।

ଆନନ୍ଦ ଉଲ୍ଲାସ -ମୟ ପରିବେଶ

ତରୁଲତା ତୃଣ ପଶୁପକ୍ଷୀ ପ୍ରାଣ ଧନ୍ୟ ॥ ୩୦୩

ସେ ତ ସ୍ୱର୍ଗଶାଳା ସ୍ୱପ୍ନ ଢଳା ଯାର

ଆକାଶ ଢାଳୁଛି ନୀଳ ସ୍ୱପ୍ନ ନୀଳ ରତ୍ନ ।

ଧରିତ୍ରୀ ସୁନ୍ଦରୀ ନୀଳ ରତ୍ନ ନୀଳ

ମଣି ଆଭୂଷଣେ ସଜାଏ କି କରି ଯତ୍ନ ॥ ୩୦୪

ରୂପେ ଅପ୍ସରା ସୁନ୍ଦରୀ ଐଶ୍ୱର୍ଯ୍ୟା

ବୈଦୁର୍ଯ୍ୟ ମାଣିକ୍ୟ ଝଟକୁଛି ଅଙ୍ଗେ ଅଙ୍ଗେ ।

ସୁଷମା ସର୍ବସ୍ୱ ସ୍ୱପ୍ନ ନୀଳ ଆଖି

ଲାବଣ୍ୟ ମହିମା ଉନ୍ମିଳିତ ପ୍ରୀତି ରଙ୍ଗେ ।। ୩୦୫

ଦେଖି ଯୋଗୀରାଜ ବିଳାସ ବୈରାଗ୍ୟ

ସୁନ୍ଦରୀ ପ୍ରକୃତି ସଜାଏ ବୈଦୂର୍ଯ୍ୟ ବେଶ ।

ଧନ୍ୟ ପ୍ରୀତିଲଗ୍ନା ପ୍ରତୀକ୍ଷିତ ପ୍ରାଣ

ପ୍ରୀତି ଅଭୀପ୍ସାକୁ ଜାଣି କି ହରିବେ କ୍ଳେଶ ।। ୩୦୬

ନୀଳ ପାଟଶାଢ଼ୀ ପିନ୍ଧିଛି ଆକାଶ

ନୀଳ ପଦ୍ମ ଫୁଲ ଫୁଟି କି ହୋଇଛି ଠୁଳ ।

ଧରିତ୍ରୀ ବଦନ ଦେଖିବ କେ କାଳେ

ବାହ୍ୟ ଜଗତରୁ ବୋଲୁଛି ଅପୂର୍ବ ନୀଳ ।। ୩୦୭

ନୀଳ ଚନ୍ଦ୍ର ପରି  ହସୁଛି ପୃଥିବୀ

ଦିବ୍ୟ ଦୀପ୍ତିମାନ ଲାବଣ୍ୟ ଉଛୁଳା ତନୁ ।

ନୀଳ ପଦ୍ମ ପରି ନୀଳ ଐଶ୍ୱର୍ଯ୍ୟା ଏ

ପ୍ରୀତି ଆହ୍ଲାଦିନୀ ଧାଏଁ ଧରି ଇନ୍ଦ୍ରଧନୁ ।। ୩୦୮

ସୃଜନ ବନ୍ଦିତ ସ୍ୱର୍ଗ ବିଳାସ କି

ଅମୃତ କଳସ ଭାସି ବୁଲେ ମହାକାଶେ ।

ନୀଳ ଚନ୍ଦ୍ର କାନ୍ତି ଲାବଣ୍ୟ ମଣ୍ଡଳ

ଲୁବ୍ଧ ଲୋଭନୀୟ ଅମୃତ ଝରାଇ ହସେ ।। ୩୦୯

ପ୍ରୀତ ପୁଣ୍ୟତୋୟା ମହାନଦୀ ପଠା

ତୀର ତରୁଲତା ଅପ୍ସରା ଶୋଭା ଶିରୀ ।

ଢଳିଛି ନୀଳିମା ଭୂମଣ୍ଡଳ ଛୁଇଁ

ଦୂରେ ଦିଗ୍‌ବଳୟ ଉଦ୍ଭାସିତ ବନଗିରି ।। ୩୧୦

ଚୌଦିଗ ଉଜ୍ଜ୍ୱଳ ଶାନ୍ତ କମନୀୟ

ସ୍ନିଗ୍ଧ ଜଳଧାରା ନୀଳ କୃଷ୍ଣ ରୂପ ରସ ।

ମହାଯୋଗୀ ମନ ଜାଣି ଜିଣିବାକୁ

ପ୍ରୀତି ହୃଦ କ୍ଲେଶ ହରିବାକୁ ଦିବ୍ୟ ବେଶ ।।୩୧୧

ଦିଗଭାଗ ଶୋଭା ମୁଗ୍ଧ ମନଲୋଭା

ଦିବ୍ୟ ମହିମା ଏ ମଙ୍ଗଳ ମୂରତି ବେଶ ।

ଦେଖୁ ଦେଖୁ କ୍ଷଣେ ଆନନ୍ଦ ଉଲ୍ଲାସ

ପୁଣ୍ୟ ପ୍ରୀତି ସ୍ପର୍ଶ ଅପୂର୍ବ ଅମୃତ ରସ ।। ୩୧୨

ଦେବ ପୁଣ୍ୟ ପୀଠ ପାଦ ପୂଜା ଲାଗି

ଚିର ସମର୍ପିତ ଶୁଭ୍ର ସଲିଳ ଧାରା ।

ଉତ୍କଳର ଗଙ୍ଗା ପୁଣ୍ୟ ସ୍ରୋତସ୍ୱିନୀ

ମହାନଦୀ ସ୍ନାନ ଧନ୍ୟ ପାପକ୍ଷୟ ସାରା ।। ୩୧୩

ସଲିଳ ନୁହେଁ ସେ ସ୍ୱର୍ଗ ସୁଧା ରସ

ଲଭିଛି ଅଶେଷ ମହେଶ ଆଶିଷ ଯେଣୁ ।

ସ୍ୱର୍ଗପୁର ଛାଡ଼ି ନିତି ସୂର୍ଯ୍ୟ ଦେବ

ଆସନ୍ତି ଧରାକୁ ଢାଳନ୍ତି ଅମୃତ ରେଣୁ ।।୩୧୪

ଦେବୀ ଦେବାଙ୍ଗନା ଆସନ୍ତି ଆନନ୍ଦେ

ପୂଜିବାକୁ ବସି ଚନ୍ଦନ ଚର୍ଚ୍ଚିତ ତନୁ ।

ସଦାଶିବ ସଦା ମଙ୍ଗଳ କାରକ

ସର୍ବ ସୁଖ ଶାନ୍ତି ସର୍ବ ଦୁଃଖହାରି ମନୁ ।। ୩୧୫

ଧବଳେଶ୍ୱର ଙ୍କ ପାଦ ପଦ୍ମ ଧ୍ୟାୟୀ

ଚରଣ ଆଶ୍ରିତ ଶବ୍ଦଶିଳ୍ପୀ କବି ହୋଇ ।

ଶିବ ଶକ୍ତି କୀ□ ଗୌରବ ଗାଥାକୁ

ଶବ୍ଦ ସଙ୍ଗୀତରେ କାବ୍ୟ ରୂପ ଦେବା ପାଇଁ ।। ୩୧୬

ହୃଦୟ ବନ୍ଦନା କରୁଛି ଆନନ୍ଦେ

ମହାଭାବେ ମୁଗ୍ଧ  ଭୁଲି ଭବ ଦୁଃଖ କ୍ଲେଶ ।

ତନୁ ମନ ପ୍ରାଣ ଆତ୍ମା ଏକାକାର

ଦେଖୁ ଦେଖୁ କ୍ଷଣେ ଦିବ୍ୟ ସୁମୋହନ ବେଶ ।। ୩୧୭

ବିଲ୍ୱ ପତ୍ର ପୁଷ୍ପ ଚନ୍ଦନ ଚର୍ଚ୍ଚିତ

ମହାନନ୍ଦମୟ ମହିମା ମଣ୍ଡିତ ବେଶ ।

ଅପୂର୍ବ ଦିଶୁଛି ଅପୂର୍ବ ଲାଗୁଛି

ଲିଙ୍ଗ ବ୍ରହ୍ମ ଛୁଇଁ ଝରୁଛି ଅମୃତ ରସ ।। ୩୧୮

ସେ ରସ ସୁରସ ସରସ ହରଷ

ରସଲ୍ଲାସ ରସ ପରଶ ପୀୟୁଷ ପାନ ।

ସୁରମ୍ୟ ସୁବେଶ ବ୍ୟୋମକେଶ ବେଶ

ଆନନ୍ଦ ଉଲ୍ଲାସ ଆନନ୍ଦ ଐଶ୍ୱର୍ଯ୍ୟ ଦାନ ।।୩୧୯